بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ


ଖଣ୍ଡ: ୫

ସମ୍ପାଦକ:

କମ୍ଫୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 42

ବାର୍ଷିକ ଦେୟ : ୬୦୦/-

www.akhbarbadr.in

03 ରବିଉସ୍ ସାନି 1445 ହି.କ, 19 ଇଖା 1402 ହି.ଶ 19 OCT 2023 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

لَقَدۡ کَفَرَ الَّذِیۡنَ قَالُوۡۤا اِنَّ اللّٰہَ ہُوَ الۡمَسِیۡحُ ابۡنُ مَرۡیَمَ ؕ قُلۡ فَمَنۡ یَّمۡلِکُ مِنَ اللّٰہِ شَیۡئًا اِنۡ اَرَادَ اَنۡ یُّہۡلِکَ الۡمَسِیۡحَ ابۡنَ مَرۡیَمَ وَاُمَّہٗ وَمَنۡ فِی الۡاَرۡضِ جَمِیۡعًا

(ଅଲ୍ ମାଏଦା-16)

**ଅନୁବାଦ** : ହେ ଗ୍ରନ୍ଥଧାରୀମାନେ ! ଆମ୍ଭର ରସୁଲ ତୁମମାନଙ୍କ ନିକଟକୁ ଆସିଛନ୍ତି, ତୁମେମାନେ ଧର୍ମ ଗ୍ରନ୍ଥ ମଧ୍ୟରୁ ଯାହା ଗୋପନ କରୁଥିଲ ତହିଁରୁ ଅନେକ ଅଂଶ ସେ ତୁମମାନଙ୍କ ନିକଟରେ ବର୍ଣ୍ଣନା କରିଛନ୍ତି ଏବଂ ଅନେକ ଦୋଷ କ୍ଷମା କରୁଛନ୍ତି । ବସ୍ତୁତଃ ଅଲ୍ଲାଃଙ୍କ ତରଫରୁ ତୁମମାନଙ୍କ ଲାଗି ଜ୍ୟୋତି ଓ

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### ଯଦି କୌଣସି ଅନିମନ୍ତ୍ରିତ ବ୍ୟକ୍ତି ନିମନ୍ତ୍ରିତ ବ୍ୟକ୍ତି ସହିତ ଅତିଥି ସତ୍କାରକ ଘରକୁ ଆସି ଯାଆନ୍ତି ।

(2456) ହ. ଅବୁ ମସ୍ଉଦ୍ ର.ଅ ବର୍ଣ୍ଣନା କରନ୍ତି, ଜଣେ ଅନ୍ସାରୀ ବ୍ୟକ୍ତି ଯାହାଙ୍କୁ ଅବୁ ଶାଆବ୍ ବୋଲି କୁହାଯାଉଥିଲା, ତାଙ୍କର ଜଣେ ଦାସ ଥିଲା ଏବଂ ସେ କଂସାଇ ଥିଲା । ଅବୁ ଶାଆବ୍ ର.ଅ ତା'କୁ କହିଲେ: ମୋ ପାଇଁ ପାଞ୍ଚ ଜଣ ଲୋକଙ୍କର ଖାଦ୍ୟ ପ୍ରସ୍ତୁତ କର । ସମ୍ଭବତଃ ମୁଁ ନବୀ କରୀମ୍ ସ.ଅଙ୍କୁ ଆମନ୍ତ୍ରିତ କରିବି ଓ ଆପଣ ସ.ଅଙ୍କ ସମେତ ପାଞ୍ଚ ଜଣ ବ୍ୟକ୍ତି ଆସିବେ । ଆଁହଜରତ ସ.ଅଙ୍କ ମୁଖମଣ୍ଡଳରୁ ଦାସକୁ ଏହା ଜ୍ଞାତ ହୋଇଗଲା ଯେ, ଆଁହଜରତ ସ.ଅ ଭୋକିଲା ଅଛନ୍ତି । ସୁତରାଂ ଅବୁ ଶାଆବ୍ ଆଁହଜରତ ସ.ଅଙ୍କୁ ଭୋଜନ ନିମନ୍ତେ ଆମନ୍ତ୍ରିତ କଲେ ଓ ଆପଣ ସ.ଅଙ୍କ ସହିତ ପାଞ୍ଚ ଜଣ ବ୍ୟକ୍ତିଙ୍କ ବ୍ୟତୀତ ଆଉ ଜଣେ ବ୍ୟକ୍ତି ସାମିଲ୍ ହୋଇଗଲା । ସେହି ବ୍ୟକ୍ତିକୁ ନିମନ୍ତ୍ରିତ କରାଯାଇ ନଥିଲା । ନବୀ କରୀମ୍ ସ.ଅ କହିଲେ: ହେ ଶାଆବ୍ ! ଉକ୍ତ ବ୍ୟକ୍ତି ଜଣକ ମଧ ଆମ ସହିତ ଚାଲି ଆସିଛନ୍ତି । ଅତଃ କ'ଣ ତୁମେ ଏହି ବ୍ୟକ୍ତିଙ୍କୁ ଆମ ସହିତ ଭୋଜନ କରିବା ନିମନ୍ତେ ଅନୁମତି ପ୍ରଦାନ କରିବ କି ? ଶାଆବ୍ କହିଲେ: ହଁ ! ରସୁଲୁଲ୍ଲାଃ ସ.ଅ ।

### ---(ଅଲ୍ଲାଃତାଲାଙ୍କୁ କଳହପ୍ରିୟ ବ୍ୟକ୍ତି କଦାପି ପସନ୍ଦ ନୁହନ୍ତି)---

(2457) ହ. ଆଏଶା ର.ଅ ନବୀ କରୀମ୍ ସ.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ: "ଅଲ୍ଲାଃତାଲାଙ୍କ ନିକଟରେ ଲୋକମାନଙ୍କ ମଧ୍ୟରୁ ସବୁଠୁ ଘୃଣ୍ୟ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ଅନ୍ୟ ବ୍ୟକ୍ତି ସହିତ ସର୍ବଦା କଳହ କରିଥାଏ, ତେଣୁ କଳହପ୍ରିୟ ଅଟେ ।"

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

☆ ☆ ☆

## ପ୍ରତିଶୃତ ମସିହ୍ ଅ.ସଙ୍କ ନିତୀବାଣୀ:-

**ପ୍ରକୃତ ହିତସାଧାନକାରୀ ଅସ୍ତିତ୍ୱ ହେଉଛି ଅଲ୍ଲାତାଲାଙ୍କର ଅସ୍ତିତ୍ୱ । ପୁନଶ୍ଚ ଏସବୁ ସତ୍ତ୍ୱେ ମନୁଷ୍ୟ କେଡ଼େ ନିର୍ଲ୍ଲଜ ଯେ, ମନୁଷ୍ୟ ଅନ୍ୟ ଦୁଆର ଆଗରେ ମଥା ଟେକିଥାଏ ବା ମୁଣ୍ଡିଆ ମାରିଥାଏ । ପୁନଶ୍ଚ ଧର୍ମପରାୟଣ ବ୍ୟକ୍ତି ନିମନ୍ତେ ସ୍ୱୟଂ ଅଲ୍ଲାଃତାଲା ସକଳ ପ୍ରକାରର ମାର୍ଗ ଉନ୍ମୁକ୍ତ କରିଦେଇ ଥାଆନ୍ତି ଏବଂ ଧର୍ମପରାୟଣ ଭକ୍ତକୁ ପ୍ରଭୁ ଏଭଳି ସ୍ରୋତରୁ ବୃତ୍ତି ଏବଂ କଲ୍ୟାଣ ପ୍ରଦାନ କରିଥାଆନ୍ତି ଯେ, ଅନ୍ୟକୁ ତତ୍ସଂକ୍ରାନ୍ତରେ ଜଣେ ମଧ ମିଳି ନଥାଏ ଯେ, କେଉଁ ସ୍ରୋତରୁ ତା'କୁ କଲ୍ୟାଣ ବା ବୃତ୍ତି ପ୍ରାପ୍ତ ହୋଇଛି ।**

### .....(ପ୍ରକୃତ ହିତସାଧାନକାରୀ ଅସ୍ତିତ୍ୱ ହେଉଛି ଅଲ୍ଲାତାଲାଙ୍କର ଅସ୍ତିତ୍ୱ ).....

ସଂସାରରେ ଲୋକମାନେ ଶାସକ କିମ୍ବା ଅନ୍ୟ ଲୋକମାନଙ୍କ ଠାରୁ କୌଣସି ପ୍ରକାରର ଲାଭ ପ୍ରାପ୍ତ କରିବା ପାଇଁ ଏକ କାଳ୍ପନିକ ଆଶା ରଖି ସେମାନଙ୍କୁ ପ୍ରସନ୍ନ କରିବା ପାଇଁ ନାନା ପ୍ରକାରର ଆଳ କରି ତୋଷାମଦ କରିଥାଆନ୍ତି । ଏପର୍ଯ୍ୟନ୍ତକି ସାମାନ୍ୟ ଅର୍ଦ୍ଦଳି (ପିଅନ)ମାନଙ୍କୁ ଓ ସେବକମାନଙ୍କୁ ମଧ ପ୍ରସନ୍ନ କରିବାକୁ ପଡ଼ିଥାଏ । କିନ୍ତୁ ସେହି ଶାସକ ଯଦି ରାଜି ଓ ପ୍ରସନ୍ନ ହୋଇ ବି ଯାଏ ତେବେ ତା'କୁ କେବଳ କିଛି ଦିନ ପର୍ଯ୍ୟନ୍ତ କିମ୍ବା କୌଣସି ବିଶେଷ ଅବସରରେ ଲାଭ ପହଞ୍ଚାଇବା ପାଇଁ ଆଶା କରାଯାଇପାରିବ । ଉକ୍ତ କାଳ୍ପନିକ ଆଶାକୁ ପାଥେୟ କରି ମନୁଷ୍ୟ ତା'ର ସେବକମାନଙ୍କର ଏପରି ତୋଷାମଦ କରିଥାଏ ଯେ, ଆପଣ ଅ.ସ କୁହନ୍ତି "ମୁଁ ତ' ଏହିଭଳି ତୋଷାମଦ ସଂପର୍କରେ ଭାବି ଶରୀର ସିହରି ଉଠିଥାଏ ଏବଂ ମୋର ହୃଦୟ ବ୍ୟଥିତ ହୋଇ ପଡ଼ିଥାଏ । କାରଣ ଅବୋଧ ବ୍ୟକ୍ତି ନିଜ ପରି ବ୍ୟକ୍ତିର ଏକ ଭ୍ରାନ୍ତ ଏବଂ କାଳ୍ପନିକ ଆଶାକୁ କେନ୍ଦ୍ର କରି ଏହିପରି ତୋଷାମଦ କରିଥାଏ । କିନ୍ତୁ ସେହି ପ୍ରଦାନକାରୀ ସତ୍ତା ଯେକି ବିନା କୌଣସି କ୍ଷତିପୂରଣ ଓ ବିନା କୌଣସି ଅନୁରୋଧରେ ଅଶେଷ କୃପା କରିଛନ୍ତି ତାହାଙ୍କ ସଂକ୍ରାନ୍ତରେ ଟିକିଏ ହେଲେ ଚିନ୍ତା କରୁ ନାହିଁ । କିନ୍ତୁ ସେହି ବ୍ୟକ୍ତି ଉକ୍ତ ଶାସକଙ୍କୁ ଲାଭ ପହଞ୍ଚାଇବା ପାଇଁ ପ୍ରୟାସ ମଧ କରେ ତେବେ କ'ଣଟା ଲାଭ ପହଞ୍ଚାଇ ପାରିବ ? ମୁଁ ସତ ସତ କହୁଛି ଯେ, କୌଣସି ଲାଭ ପ୍ରଭୁଙ୍କ ଆଦେଶ ବ୍ୟତୀରେକ କଦାପି ପହଞ୍ଚି ପାରିବ ନାହିଁ । ସମ୍ଭବତଃ ବ୍ୟକ୍ତି ତହିଁରୁ ଲାଭ ଉଠାଇବା ପୂର୍ବରୁ ଲାଭ ପହଞ୍ଚାଉଥିବା ବ୍ୟକ୍ତି କିମ୍ବା ସ୍ୱୟଂ ସେ ଇହଧାମ ତ୍ୟାଗ କରେ ଅବା ଏପରି ଏକ ଭୟଙ୍କର ରୋଗରେ ପିଡ଼ୀତ ହୋଇଯାଏ ଯେ, କୌଣସି ବ୍ୟକ୍ତିଗତ ଲାଭ ସେ ତହିଁରୁ ଉଠାଇ ପାରିବ ନାହିଁ । ସୁତରାଂ ପ୍ରକୃତ କଥା ଏହିକି ଯେ, ଯେପର୍ଯ୍ୟନ୍ତ ପ୍ରଭୁଙ୍କ କୃପା ଓ ତାହାଙ୍କ କରୁଣା ବ୍ୟକ୍ତି ଉପରେ ହୋଇ ନାହିଁ ସେପର୍ଯ୍ୟନ୍ତ ମନୁଷ୍ୟ କୌଣସି ବ୍ୟକ୍ତି ଠାରୁ କିଛି ବି ଲାଭ ଉଠାଇ ପାରିବ ନାହିଁ । ବାସ୍ତବ ପକ୍ଷେ କହିବାକୁ ଗଲେ, ପ୍ରକୃତ ଲାଭ ପହଞ୍ଚାଇ ପାରୁଥିବା ଏକମାତ୍ର ଅସ୍ତିତ୍ୱ ହେଉଛି ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ । ପୁନଶ୍ଚ ଏସବୁ ସତ୍ତ୍ୱେ ମନୁଷ୍ୟ କେଡ଼େ ନିର୍ଲ୍ଲଜ ଯେ, ମନୁଷ୍ୟ ଅନ୍ୟ ଦୁଆର ଆଗରେ ମଥା ଟେକିଥାଏ ବା ଅନ୍ୟକୁ ମୁଣ୍ଡିଆ ମାରିଥାଏ । ଜଣେ ଈଶ୍ୱରଭୀରୁ ବିଶ୍ୱାସକାରୀର ସ୍ୱାଭିମାନ ଏପରି ଆଶା କରି ନଥାଏ ଯେ, ସେ ନିଜ ପରି ଅନ୍ୟ ଜଣେ ମନୁଷ୍ୟର ଏପରି ତୋଷାମଦ କରୁ, ଯାହାର ସେ ଅଧିକାରୀ ନଥାଏ । ପୁନଶ୍ଚ ଧର୍ମପରାୟଣ ବ୍ୟକ୍ତି ନିମନ୍ତେ ସ୍ୱୟଂ ଅଲ୍ଲାଃତାଲା ପ୍ରତ୍ୟେକ

ପ୍ରକାରର ମାର୍ଗ ଉନ୍ମୁକ୍ତ କରିଦେଇ ଥାଆନ୍ତି ଏବଂ ଧର୍ମପରାୟଣ ଭକ୍ତକୁ ପ୍ରଭୁ ଏଭଳି ସ୍ରୋତରୁ ବୃତ୍ତି ଏବଂ କଲ୍ୟାଣ ପ୍ରଦାନ କରିଥାଆନ୍ତି ଯେ, ଅନ୍ୟକୁ ତତ୍ସଂକ୍ରାନ୍ତରେ ଜ୍ଞାତ ହୋଇପାରିବ ନାହିଁ ଯେ, କେଉଁ ସ୍ରୋତରୁ ତା'କୁ କଲ୍ୟାଣ ବା ବୃତ୍ତି ପ୍ରାପ୍ତ ହୋଇଛି । ଅଲ୍ଲାଃତାଲା ସ୍ୱୟଂ ତା'ର ବନ୍ଧୁ (ସଖା), ସହାୟକ ଓ ସଂସ୍କାରକ ପାଲଟି ଯାଆନ୍ତି । ଯେଉଁ ଭକ୍ତମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦିଅନ୍ତି ସେମାନଙ୍କ ସହିତ ଅଲ୍ଲାଃତାଲା ପ୍ରେମ ଓ ଅନ୍ତରୀକତାମୂଳକ ବ୍ୟବହାର ପ୍ରଦର୍ଶନ କରିଥାଆନ୍ତି । ସୁତରାଂ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି; وَاللّٰهُ رَءُوْفٌۢ بِالْعِبَادِ **(ଅଲ୍ ବକ୍‌ରାହ୍-208)**

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-493, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆ ☆

**ଦୀର୍ଘ ସମୟ ଧରି ଯଦି ବିପଦ ଲାଗି ରହେ ତେବେ ଧୈର୍ଯ୍ୟହରା ହେବା ଅନୁଚିତ । ଆମ ପୂର୍ବରୁ ଖ୍ରୀଷ୍ଟିଆନମାନଙ୍କୁ 300 ବର୍ଷ ପର୍ଯ୍ୟନ୍ତ ଦୁଃଖ କଷ୍ଟ ଦିଆଯାଇଛି । କିନ୍ତୁ ସେମାନେ ଧୈର୍ଯ୍ୟ ପ୍ରଦର୍ଶନ କଲେ ଓ ପରିଶେଷରେ ସେହି ଧୈର୍ଯ୍ୟର ସୁମିଷ୍ଟ ଫଳ ସେମାନେ ଆସ୍ୱାଦନ କରିବାକୁ ସକ୍ଷମ ହେଲେ । ଅତଏବ ତୁମମାନଙ୍କୁ ଶୀଘ୍ରତା ପ୍ରଦର୍ଶନ କରିବା ଅନୁଚିତ୍ ଅଟେ । ବରଂ ନିଜ କାର୍ଯ୍ୟରେ ନିମଜ୍ଜିତ ରହି ଏକାଗ୍ରଚିତ୍ତ ହୋଇ ବିପତ୍ତିର ସମ୍ମୁଖୀନ କରିବା ଉଚିତ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ଅଲ୍ କହଫ୍‌ର -26 ନଂ ଆୟତ୍ وَلَبِثُوْا فِيْ كَهْفِهِمْ ثَلٰثَ مِائَةٍ سِنِيْنَ وَازْدَادُوْا تِسْعًا ର ବ୍ୟାଖ୍ୟା କରି କହୁନ୍ତି: ଉକ୍ତ ଆୟତ୍‌ରେ ପ୍ରାଚୀନ ଅସ୍‌ହାବେ କହଫ୍‌ଙ୍କ ଦୁର୍ଦ୍ଦିନ କାଳ ସଂପର୍କରେ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ସେମାନଙ୍କ ଉପରେ ଯୁଗଯୁଗ ଧରି ଯେଉଁ ଅତ୍ୟାଚାର ହେଉଥିଲା ଫଳତଃ ସେମାନଙ୍କୁ ବାରମ୍ବାର ଗୁମ୍ଫା ମଧ୍ୟକୁ ଯାଇ ଆତ୍ମଗୋପନ କରିବାକୁ ପଡ଼ିଥିଲା । ଅଲ୍ଲାଃତାଲା କୁହନ୍ତି ସେହି କାଳ ହେଉଛି 309 ବର୍ଷର କାଳ । ଇତିହାସରୁ ଉକ୍ତ ପ୍ରସଙ୍ଗ ସଂକ୍ରାନ୍ତରେ ପୁଷ୍ଟି ହୋଇଥାଏ । କାରଣ ଏହି ବିପତ୍ତିର ଯୁଗ ହ. ମସିହ୍‌ଙ୍କ ଶୁଳି ପ୍ରାପ୍ତ ହେବା ସମୟ ଠାରୁ ଆରମ୍ଭ ହୁଏ ଏବଂ ସଂପୂର୍ଣ୍ଣ ଓମାନ୍ କନ୍‌ଷ୍ଟଣ୍ଟାଇନ୍ (କୁସ୍ତୁନ୍ତୁନିୟାର ସଂସ୍ଥାପକ) ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଯିବା ସମୟରେ ପ୍ରାପ୍ତ ହୋଇଛି । କନ୍‌ଷ୍ଟଣ୍ଟାଇନ୍ 337 ଖ୍ରୀ.ଅରେ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିଲା । ଯେପରିକି ଉପରୋକ୍ତରେ ଉଲ୍ଲିଖିତ ହୋଇଛି ଯେ, **(ଇନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକା, ଗ୍ରନ୍ଥଖଣ୍ଡ-5, ପୃ-676)** । ପ୍ରକାଶ୍ୟ ରୂପେ କହିଲେ ଉକ୍ତ ଯୁଗଟି ପବିତ୍ର କୁରଆନୀୟ ବର୍ଣ୍ଣନା ବିରୁଦ୍ଧୀୟ ପ୍ରତିତ ହେଉଛି । କିନ୍ତୁ ଯେତେବେଳେ ଆମେମାନେ ଖ୍ରୀଷ୍ଟ ଇତିହାସକୁ ଉଠାଇ ଅବଲୋକନ କରୁ ତେବେ ଜ୍ଞାତ ହୁଏ ଯେ, ଉକ୍ତ ଇତିହାସଟି ମିଥ୍ୟା ଅଟେ । ପ୍ରକୃତ ବର୍ଷ ଯହିଁରେ ରୋମ୍‌ର ସମ୍ରାଟ୍ କନ୍‌ଷ୍ଟଣ୍ଟାଇନ୍ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହେଲା ତାହା 309 ଖ୍ରୀ.ଅ ଅଟେ । ଏହାର ପ୍ରମାଣ ଏହିକି ଯେ, ସ୍ୱୟଂ ଖ୍ରୀଷ୍ଟୀୟ ଭୂଗୋଳବିତ୍‌ମାନେ ସ୍ୱୀକାର କରିଛନ୍ତି ଯେ, ଖ୍ରୀଷ୍ଟ କ୍ୟାଲେଣ୍ଡରରେ ତ୍ରୁଟି ହୋଇଯାଇଛି । ସୁତରାଂ ଆର୍ଚ୍ଚ ବିଶପ୍ ଅଶର୍ଜ୍ (Ushers) ନିଜର ପୁସ୍ତକ '**ଇଲ୍‌ମେ ତାରିଖ୍**' (Chronology)ରେ ଓ ଡାକ୍ତର କିଟ୍ଟୋ (Kitto) ନିଜର ପୁସ୍ତକ '**ଡେଲି ବାଇବେଲ୍ ଏଲିଷ୍ଟରେଶନସ୍**'ରେ ପ୍ରମାଣିତ କରିଛନ୍ତି ଯେ, ଖ୍ରୀଷ୍ଟ କ୍ୟାଲେଣ୍ଡରେ ହ. ଇସା ଅ.ସଙ୍କୁ ଶୁଳି ଦିଆଯିବାର ଯେଉଁ ଘଟଣା ବର୍ଣ୍ଣିତ ହୋଇଛି ତାହା ଭୁଲ ଅଟେ ଏବଂ ଉକ୍ତ ଭ୍ରମଟି ଖ୍ରୀ.ଅ 527 ମସିହାରେ ଲାଗିଛି । ବାସ୍ତବତା ଏହିକି ଯେ, ଉକ୍ତ ଇତିହାସ ଠାରୁ ଚାରି ପାଞ୍ଚ ବର୍ଷ ପୂର୍ବେ ହ. ଇସା ଅ.ସ ଜନ୍ମକାଳକୁ ଗ୍ରହଣ କରିଥିଲେ । ସୁତରାଂ ସେତେବେଳେ ତାଙ୍କର ବୟସ 4 ବର୍ଷରୁ 6 ବର୍ଷ ପର୍ଯ୍ୟନ୍ତ ହୁଏ । କିନ୍ତୁ ହ. ଇସା ଅ.ସଙ୍କୁ 33 ବର୍ଷ ବୟସରେ ଶୁଳି ଦିଆଯାଇଥିଲା । ବର୍ତ୍ତମାନ ଉକ୍ତ ବର୍ଣ୍ଣନାନୁଯାୟୀ ଯଦି 4 ଓ 6 ରେ ହାରାହାରି ମୂଲ୍ୟ ନିର୍ଦ୍ଧାରଣ କରାଯାଏ ତେବେ 5 ହୁଏ । କାରଣ ଇସା ଅ.ସଙ୍କୁ ଶୁଳି 33 ବର୍ଷ ବୟସରେ ଦିଆଯାଇଥିଲା ତେଣୁ ଖ୍ରୀଷ୍ଟାବ୍ଦ ସନ୍ ମଧ୍ୟରୁ 28 ବର୍ଷ ବିୟୋଗ କରିବାକୁ ପଡ଼ିବ । କାରଣ ଖ୍ରୀଷ୍ଟ କ୍ୟାଲେଣ୍ଡର ଅନୁଯାୟୀ 28 ବର୍ଷ ପରେ ଶୁଳିର ଘଟଣା ଘଟିଛି । ବର୍ତ୍ତମାନ 28 ବର୍ଷକୁ 337ରେ ଫେଡ଼ି ଦେଲେ 309 ବର୍ଷ ହେବ । ଉକ୍ତ ବର୍ଣ୍ଣନାଟି ଖ୍ରୀଷ୍ଟୀୟ ବର୍ଣ୍ଣନାକୁ ସଠିକ୍ ବୋଲି ଗ୍ରହଣ କରିବାରେ ସହାୟକ ହୋଇଥାଏ । ଅନ୍ୟଥା ଯଦି ଉକ୍ତ ଶାହାଦତ୍ ନ ବି ହୁଏ ତେବେ ମଧ୍ୟ ପବିତ୍ର କୁରଆନ୍ କରୀମ୍ ଯାହାର ସମସ୍ତ ସମ୍ବାଦ ବାଇବେଲ୍ ବିପକ୍ଷରେ ସଠିକ୍ ବୋଲି ପ୍ରମାଣିତ ହୋଇଥାଏ । ସେ ଯାହା ହେଉ ନା କାହିଁକି ତା'ର (ପବିତ୍ର କୁରଆନ୍ କରୀମ୍‌ର) କଥାକୁ ଅଗ୍ରାଧାକିର ଦେବାକୁ ପଡ଼ିବ ।

ଉକ୍ତ ଆୟତ୍‌ରେ ଏହା କୁହାଯାଇଛି ଯେ, ଦୀର୍ଘ ଦିନ ଧରି ବିପତ୍ତିର ସମ୍ମୁଖୀନ ହୋଇ ତୁମେମାନେ ଧୈର୍ଯ୍ୟହରା ହେବ ନାହିଁ ବା ଅଧୀର ହେବ ନାହିଁ । ଆମ ପୂର୍ବରୁ ଖ୍ରୀଷ୍ଟିଆନ୍‌ମାନଙ୍କୁ 300 ବର୍ଷ ପର୍ଯ୍ୟନ୍ତ ଦୁଃଖକଷ୍ଟ ଦିଆଯାଇଛି । କିନ୍ତୁ ସେମାନେ ଧୈର୍ଯ୍ୟ ପ୍ରଦର୍ଶନ କଲେ ଓ ପରିଶେଷରେ ସେହି ଧୈର୍ଯ୍ୟର ସୁମିଷ୍ଟ ଫଳ ସେମାନେ ଆସ୍ୱାଦନ କଲେ । ଅତଏବ ତୁମମାନଙ୍କୁ ଶୀଘ୍ରତା ପ୍ରଦର୍ଶନ କରିବା ଅନୁଚିତ୍ ଅଟେ । ବରଂ ନିଜ କାର୍ଯ୍ୟରେ ନିମଜ୍ଜିତ ରହି ଏକାଗ୍ରଚିତ୍ତ ହୋଇ ବିପତ୍ତିର ସମ୍ମୁଖୀନ କରିବା ଉଚିତ ।

**(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-7, ପୃ-449, ପ୍ରକାଶନ ବର୍ଷ 2010 ମସିହା, କାଦିଆନ୍)**

## ଗତ 41 ତମ ଶୁମାରା (ସଂଖ୍ୟା)ରେ ପୃ 11-12 ପ୍ରକାଶିତ ଖୁତ୍‌ବା ଜୁମା ତା- 24 Feb 2023 ର ଅବଶିଷ୍ଟାଂଶ...........

## ଖୁତବା ଜୁମା 24 -2-2023

ରସୁଲୁଲ୍ଲାଃ ସ.ଅ କହିଲେ ଯେଉଁ ବ୍ୟକ୍ତି ମୋ ଉପରେ ଶାନ୍ତି ଅବତୀର୍ଣ୍ଣ ହେବା ନିମନ୍ତେ ପ୍ରାର୍ଥନା କରେ ଓ ଯେପର୍ଯ୍ୟନ୍ତ ସେ ସେହିଭଳି ଅବସ୍ଥାରେ ଥାଏ, ତେବେ ସେହି ବ୍ୟକ୍ତି ଉପରେ ଅଲ୍ଲାଃତାଲା ଶାନ୍ତି ଅବତୀର୍ଣ୍ଣ ହେବା ନିମନ୍ତେ ପ୍ରାର୍ଥନା କରିଥାଆନ୍ତି । ତେଣୁ ଭକ୍ତ ହାତରେ ରହିଛି ଯେ, ସେ ଆଁହଜରତ ସ.ଅଙ୍କ ଉପରେ ସେ ଅଧିକ ଦୁରୁଦ ଶରୀଫ ପ୍ରେରଣ କରି ପ୍ରାର୍ଥନା କରୁ ଅବା ସ୍ୱଳ୍ପ ଦୁରୁଦ୍ ପ୍ରେରଣ କରୁ । (ହୁଲିୟତୁଲ୍ ଅଉଲିୟା ୱତବକାତୁଲ୍ ଅସଫିୟା, ଭାଗ-1, ପୃ-180, ଦାରୁଲ୍ ଫିକର୍ ବୈରୁତ୍, ଲେବନାନ୍, 1996 ମସିହା)ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ହରାମ ବିନ୍ ମିଲ୍‌ହାନ୍ ର.ଅ । ତାଙ୍କ ସଂପର୍କରେ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ତାଙ୍କେର ବଂଶ ପରମ୍ପରା ଆଗକୁ ବଢି ପାରି ନଥିଲା । **(ଅତ୍ ତବକାତୁଲ୍ କୁବ୍ରା, ଭାଗ-3, ପୃ-266, ହରାମ୍ ବିନ୍ ମିଲହନ୍, ପ୍ରକାଶନ ସ୍ଥାନ-ଦାରୁଲ୍ ଅହୟାଉତ୍ ତୁରାସା ବୈରୁତ୍)** ହ. ଅବଦୁଲ୍ଲାଃ ବିନ୍ ଅବି ତଲହା ର.ଅ ବର୍ଣ୍ଣନା କରନ୍ତି: ସେ କହିଲେ ଯେ, ହ. ଅନସର୍ ର.ଅ ମୋ ନିକଟରେ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ ତାଙ୍କ ମାମୁ ହ. ହରାମ୍ ବିନ୍ ମିଲହାନ୍ ର.ଅଙ୍କୁ ଯେକି ଉମ୍ମେ ସୁଲୈମଙ୍କ ଭାଇ ଥିଲେ ସତୁରୀ ଜଣ ଅଶ୍ୱାରୋହୀଙ୍କ ସହିତ ବନୁ ଆମିର୍ ଅଭିମୁଖେ ପ୍ରେରଣ କଲେ ଏବଂ ଆମିର୍ ବିନ୍ ତୁଫୈଲ୍ ଅବିଶ୍ୱାସାକାରୀଙ୍କର ଅଧିପତି ଥିଲା । ସେ ଆଁହଜରତ ସ.ଅଙ୍କୁ ତିନୋଟି ବିକଳ୍ପ ମଧ୍ୟରୁ ଗୋଟିଏ ବିକଳ୍ପ ଅବଲମ୍ବନ କରିବାକୁ ସ୍ୱାଧୀନତା ଦେଇଥିଲା । ସେ କହିଥିଲା ଯେ, ଆପଣ ସ.ଅଙ୍କର ନଗରର ଲୋକମାନେ ସମର୍ଥକ ହେବେ ଏବଂ ମୋର ଗ୍ରାମ୍ୟ ଲୋକମାନେ ସମର୍ଥକ ହେବେ କିମ୍ବା ଏହା ଯେ, ଆପଣ ସ.ଅଙ୍କ ବିୟୋଗ ପରେ ମୁଁ ଆପଣ ସ.ଅଙ୍କର ଉତ୍ତରାଧିକାରୀ ହେବି ଅବା ଦୁଇ ହଜାର ଗତଫାନୀ ଲୋକଙ୍କୁ ନେଇଁ ଆପଣ ସ.ଅଙ୍କ ଉପରେ ଆକ୍ରମଣ କରିବି । ସେତେବେଳେ ଆମିର୍ କୌଣସି ମହିଳା ଘରେ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହେଲା । ସେ କହିବାକୁ ଲାଗିଲା ଯେ, ଏହି ପ୍ଲେଗ୍ ରୋଗ ଦେଖିବାକୁ ଗଲେ ଗୋଟେ ଆବୁ ରୋଗ ଅଟେ । ଏହି ରୋଗ ସୁଲୁଲ୍ ବଂଶର ଏକ ମହିଳା ଘରେ ଯୁବ ଓଟକୁ ହୋଇଥିଲା । ମୋର ଅଶ୍ୱ ଆଣ ! ସେ ସେହି ଅଶ୍ୱ ଉପରେ ଆରୋହଣ ହେଲା ଏବଂ ଅଶ୍ୱର ପିଠି ଉପରେ ହିଁ ମୃତ୍ୟୁ ବରଣ କଲା । ସୁତରାଂ ଏହା ଥିଲା ତା' ଘୃଷ୍ଟତାର ପରିଣାମ । ତାଙ୍କ ସଂପର୍କରେ ପ୍ରାରମ୍ଭରେ ହିଁ ଚର୍ଚ୍ଚା ହୋଇଛି ଯେ, ହ. ହରାମ୍ ବିନ୍ ମିଲହାନ୍ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଥିଲେ । ଓ ଆଉ ଜଣେ ବ୍ୟକ୍ତି ଯେକି ଅନ୍ୟ ସଂପ୍ରଦାୟରୁ ଥିଲା ତାକୁ ସାଙ୍ଗରେ ଧରି ବନୁ ଆମିର୍ ସଂପ୍ରଦାୟ ନିକଟକୁ ଗଲେ । ହରାମ୍ ସେହି ଦୁହିଁଙ୍କୁ କହିଲେ ତୁମେମାନନିକଟରେ ରହିବ ମୁଁ ତାଙ୍କ ନିକଟକୁ ଯାଉଛି । **(ଅବଶିଷ୍ଟାଂଶ .............ପୃ-3ରେ)**

## ପୃ -2 ର ଅବଶିଷ୍ଟାଂଶ ଖୁତବା..........

ସେମାନେ ଯଦି ମୋତେ ଶାନ୍ତି ପ୍ରଦାନ କଲେ ତେବେ ତୁମେ ଦୁହେଁ ଚାଲି ଆସିବା। ଆଉ ଯଦି ସେମାନେ ମୋତେ ହତ୍ୟା କରନ୍ତି ତେବେ ତୁମେମାନେ ନିଜର ସାଥିମାନଙ୍କ ନିକଟକୁ ଯାଇ ସେମାନଙ୍କୁ ସୂଚିତ କରିଦେବ । ହ. ହରାମ୍ ର.ଅ ଆମିର୍ ପାଖକୁ ଯାଇ କହିଲେ, ହେ ଆମିର୍ ! କ'ଣ ତୁମେ ମୋତେ ଶାନ୍ତି ପ୍ରଦାନ କରିପାରିବ କି ? ମୁଁ ଆଁହଜରତ ସ.ଅଙ୍କର ବାର୍ତ୍ତା ତୁମକୁ ପହଞ୍ଚାଇ ଦେବି । ଏହା କହି ହ. ହରାମ୍ ଆମିର୍ ସହିତ କଥାବାର୍ତ୍ତା କରିବାକୁ ଲାଗିଥିଲେ କି ଆମିର୍ ସଂପ୍ରଦାୟର ଲୋକମାନେ ଜଣେ ବ୍ୟକ୍ତିକୁ ଇଙ୍ଗିତ କଲେ । ଉକ୍ତ ବ୍ୟକ୍ତି ଜଣକ ହ. ହରାମ୍ ର.ଅଙ୍କ ପଛପଟୁ ଆସିଲା ଓ ତାଙ୍କୁ ଚାହିଁ ବର୍ଛା ମାରିଦେଲା ଯାହାକି ତାଙ୍କ ଶରୀରର ପଶ୍ଚାତ୍ ଭାଗରୁ ସମ୍ମୁଖ ଭାଗ ଆଡ଼କୁ ଫୁଟି ବାହାରି ଆସିଲା । ହ. ହରାମ୍ ର.ଅ ନିଜର କ୍ଷତରୁ ବାହାରୁଥିବା ରକ୍ତକୁ ହସ୍ତରେ ଧରିଲେ ଏବଂ ନିଜର ମୁଖମଣ୍ଡଳରେ ବୋଳି ହୋଇ କହିଲେ اَللّٰهُ اَكْبَرُ فُزْتُ وَرَبِّ الْكَعْبَةِ ଅର୍ଥାତ୍ କାଆବାର ପ୍ରଭୁଙ୍କ ଶପଥ କରି କହୁଛି ! ମୁଁ ସାଫଲ୍ୟମଣ୍ଡିତ ହୋଇଗଲି । ପୁନଶ୍ଚ ସେମାନେ ଅନ୍ୟ ବ୍ୟକ୍ତଙ୍କ ପଛକୁ ଧାଇଁଲେ ଓ ସେମାନଙ୍କୁ ଧରି ଶହୀଦ୍ କରିଦେଲେ । ପୁନଶ୍ଚ ଅନ୍ୟ କାରି (ପବିତ୍ର କୁରଆନ୍ କରୀମର ପାଠକାରୀଙ୍କ ଉପରେ ଆକ୍ରମଣ କଲେ ଏବଂ ସେମାନେ ସମସ୍ତେ ମୃତ୍ୟୁବରଣ କଲେ। କିନ୍ତୁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଛାଡ଼ିଦିଆଗଲା । ଅଲ୍ଲାଃତାଲା ଆମମାନଙ୍କ ଉପରେ ସେହି ପ୍ରସଙ୍ଗ ଅବତୀର୍ଣ୍ଣ କଲେ । ପୁନଶ୍ଚ ଏହାର ଚର୍ଚ୍ଚା ହୋଇଗଲା । ଅର୍ଥାତ ଆମର ଜାତି ଭାଇମାନଙ୍କୁ କୁହାଗଲା କି ଆମେମାନେ ନିଜର ପରେମଶ୍ୱରଙ୍କୁ ଭେଟି ନେଇଛୁ । ସେ ଆମମାନଙ୍କ ଠାରୁ ପ୍ରସନ୍ନିତ ହୋଇଗଲେ ଏବଂ ଆମକୁ ପ୍ରସନ୍ନ କରିଦେଲେ । ତେବେ ନବୀ କରୀମ୍ ସ.ଅ 30 ଦିନ ପ୍ରତ୍ୟେକ ସକାଳ ସେମାନଙ୍କ ବିରୁଦ୍ଧରେ ଅର୍ଥାତ ରିଅଲ୍, ଜକ୍ୱାନ୍, ବନୁ ଲହ୍ୟାନ୍ ଓ ଉସ୍ବା ବିରୁଦ୍ଧରେ ଦୁଆ କରୁଥିଲେ । କାରଣ ସେମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ସହିତ ବିଦ୍ରୋହ କରିଥିଲେ । ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ। **(ସହୀ ବୁଖାରୀ, କିତାବୁଲ୍ ମୁଗାଜି ବାବୁ ଗଜୱତୁର୍ ରଜି ଓ ରିଅଲ୍ ୱ ଜକ୍ୱାନ୍... ହିଦସ୍ ନଂ-4091)**

ବୁଖାରୀର ଅନ୍ୟ ଏକ ବର୍ଣ୍ଣନା ଯାହାକି ହ. ଅନସ୍ ର.ଅଙ୍କ ଠାରୁ ରହିଛି । ତଦନୁଯାୟୀ ବର୍ଛା ବଦଳରେ ତାଙ୍କୁ ଶର ମରାଯାଇଥିଲା । **(ସହିଉଲ୍ ବୁଖାରୀ, କିତାବୁଲ୍ ଜିହାଦ୍, ବାବୁ ମଇଁ ୟନ୍‌କିବୁ ଅଉ ୟତ୍‌ଅନୁ ଫି ସବିଲିଲ୍ଲାଃହି, ହଦିସ୍ ନଂ-2801)**

ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ରସୁଲୁଲ୍ଲାଃ ସ.ଅ ଏକ ମାସ ପର୍ଯ୍ୟନ୍ତ ସକାଳ ନମାଜରେ ବନି ସୁଲୈମ୍‌ର ଦୁଇ ସଂପ୍ରଦାୟ ରିଅଲ୍ ଓ ଜକ୍ୱାନ୍ ବିରୁଦ୍ଧରେ ଦୁଆ କରୁଥିଲେ। ହ. ଅନସ୍ ର.ଅ କୁହନ୍ତି ଯେ, ଏହା କୁନୁତ୍‌ର ପ୍ରରାମ୍ଭିକ ବା ଅୟମାରମ୍ଭ ଥିଲା । ଆମେମାନେ ଏହା ପୂର୍ବରୁ କୁନୁତ୍ କରୁ ନଥିଲୁ । **(ସହି ବୁଖାରୀ କିତାବୁଲ୍ ମୁଗାଜି, ବାବୁ ଗଜ୍ୱାତୁର୍ ରଜିଇ, ରିଅଲ୍, ଜକ୍ୱାନ୍..... ହଦିସ୍ ନଂ-4088)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ସାହାବାମାନଙ୍କର ବଳିଦାନର ଉତ୍ସାହ ସଂପର୍କରେ କୁହନ୍ତି, ଇତିହାସ ଅଧ୍ୟୟନ କରିବା ଦ୍ୱାରା ଆମେମାମନେ ଏହା ଜାଣିବାକୁ ପାଇଥାଉ ଯେ, ସାହାବାମାନେ ଯୁଦ୍ଧରେ ଏହି ଉଦ୍ଦେଶ୍ୟ ନେଇ ଯାଉଥିଲେ ଯେ, ଶହୀଦ୍ ହେବା ସେମାନଙ୍କ ପକ୍ଷେ ଅଧିକ ଆଶ୍ୱସ୍ତି ଓ ପ୍ରସନ୍ନତାର କାରଣ ହେବ । ସୁତରାଂ ସାହାବାମାନଙ୍କର ଅନେକ ରୋଚକପୂର୍ଣ୍ଣ ଓ ବିଶ୍ୱାବର୍ଦ୍ଧକ ଘଟଣାବଳୀ ଇତିହାସରୁ ମିଳିଥାଏ । କାରଣ ସେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ମୃତ୍ୟୁ ବରଣ କରିବାକୁ ଅଧିକ ଶ୍ରେୟସ୍କର ବୋଲି ମନେ କରନ୍ତି, ଆଶ୍ୱସ୍ତି ଓ ଆନନ୍ଦ ଅନୁଭବ କଲେ । ଉଦାହରଣ ସ୍ୱରୂପ ପବିତ୍ର କୁରଆନ୍‌ର ମୁଖସ୍ତକାରୀମାନଙ୍କୁ ଆଁହଜରତ ସ.ଅ ପ୍ରଚାର ନିମନ୍ତେ ଏକ ସ୍ଥାନକୁ ପ୍ରେରଣ କରିଥିଲେ । ତନ୍ମଧ୍ୟରେ ହରାମ୍ ବିନ୍ ମିଲ୍‌ହାନ୍ ର.ଅ ଇସ୍‌ଲାମ୍ ଧର୍ମର ବାର୍ତ୍ତା ନେଇ ଆମିର୍ ସଂପ୍ରଦାୟର ଅଧିପତି ଆମିର୍ ବିନ୍ ତୁଫୈଲ୍‌ଙ୍କ ନିକଟକୁ ଗଲେ ଏବଂ ଅନ୍ୟ ସାହାବାମାନେ ତାଙ୍କ ପଛରେ ରହିଥିଲେ । ପ୍ରାରମ୍ଭରେ ତ' ଆମିର୍ ସଂପ୍ରଦାୟର ଅଧିପତି ଆମିର୍ ବିନ୍ ତୁଫୈଲ୍ ଓ ତା'ର ସାଥିମାନେ କପଟବିଶ୍ୱାସୀମୂଳକ ଆଚରଣ ପ୍ରଦର୍ଶନ କରି ହରାମ୍ ବିନ୍ ମିଲହାନଙ୍କର ଆତିଥ୍ୟତା କଲେ । କିନ୍ତୁ ଯେତେବେଳେ ହରାମ୍ ବିନ୍ ମିଲ୍‌ହାନ ନିଶ୍ଚିନ୍ତ ହୋଇ ବସିଗଲେ ଏବଂ ତବ୍‌ଲିଗ୍ କରିବାକୁ ଲାଗିଲେ ସେତେବେଳେ ସେହି କପଟବିଶ୍ୱାସୀମାନଙ୍କ ମଧ୍ୟରୁ କେତେକ ଉପଦ୍ରବୀ ତଥା ବିଶୃଙ୍ଖଳାକାରୀ ବ୍ୟକ୍ତିମାନେ ଜଣେ ବଦ୍‌ମାଶ୍ ବ୍ୟକ୍ତିକୁ ଇଙ୍ଗିତ କଲେ । ସୁତରାଂ ଉକ୍ତ ବଦ୍‌ମାଶ୍ ବ୍ୟକ୍ତି ଜଣକ ତତକ୍ଷଣାତ୍ ପଛପଟୁ ଆସି ହ. ହରାମ୍ ବିନ୍ ମିଲ୍‌ହାନ୍ ର.ଅଙ୍କ ପିଠିରେ ବର୍ଛା ଦ୍ୱାରା ଆକ୍ରମଣ କଲା । ଫଳତଃ ହ. ମିଲ୍‌ହାନ୍ ର.ଅ ତଳେ ପଡ଼ିଗଲେ ଏବଂ ତଳେ ପଡ଼ିବା ପରେ ସହସା ତାଙ୍କ ପାଟିରୁ ବାହାରି ପଡ଼ିଲା اَللّٰهُ اَكْبَرُ فُزْتُ وَرَبِّ الْكَعْبَةِ ଅର୍ଥାତ ମୁଁ କାଆବାର ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୋତେ ମୁକ୍ତି ମିଳିଗଲା । ପୁନଶ୍ଚ ସେହି ଉପଦ୍ରବୀ ବ୍ୟକ୍ତିମାନେ ଅନ୍ୟ ସାହାବାମାନଙ୍କର ଘେରାଉ କଲେ ଓ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କଲେ । ଉକ୍ତ ଘଟଣାବଳୀ ଏହା ସୂଚାଏ ଯେ, ସାହାବାମାନେ ମୃତ୍ୟୁ ବଦଳରେ ଦୁଃଖ ପ୍ରସନ୍ନତାର କାରଣ ହେଉଥିଲା । **(ଏକ୍ ଆୟତ୍ କି ପୁର୍ ମାଆରୁଫ୍ ତଫସିର୍, ଅନୱାରୁଲ୍ ଉଲୁମ୍, ଭାଗ-18, ପୃ-612 -613)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ କୁହନ୍ତି ଯେ, ନଜଦ୍‌ର କେତେକ ବ୍ୟକ୍ତି ଆଁହଜରତ ସ.ଅଙ୍କ ନିକଟକୁ ଆସିଲେ । ହୁଜୁର ଅନୱର୍ ଅ.ବ କହିଲେ, ଉକ୍ତ ଚର୍ଚ୍ଚାକୁ ମୁଁ ଏଠାରେ ସମାପ୍ତ କରୁଛି । ତତ୍‌ସଂକ୍ରାନ୍ତରେ ମୁଁ ହ. ମିର୍ଜା ବଶୀର୍ ଅହେମଦ୍ ସାହେବଙ୍କ ଏକ ପ୍ରାମାଣ୍ୟ ଉପସ୍ଥାପିତ କରିଦେଉଛି । ଉକ୍ତ ପ୍ରାମାଣ୍ୟଟି ଟିକିଏ ବିସ୍ତୃତ ଧରଣର ଅଟେ । ସୁତରାଂ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରି ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ଅବୁ ବରା ଆମ୍‌ରି ନାମକ ଜଣେ ବ୍ୟକ୍ତି ଯେକି ମଧ୍ୟ ଆରବର ବନୁ ଆମିର୍ ସଂପ୍ରଦାୟର ଅଧିପତି ଥିଲା । ଆଁହଜରତ ସ.ଅଙ୍କ ସେବାରେ ସେ ସାକ୍ଷାତ୍ କରିବା ନିମନ୍ତେ ଉପସ୍ଥିତ ହେଲା । ଆପଣ ର.ଅ ଅତ୍ୟନ୍ତ କୋମଳତାର ସହିତ ଓ ଆନ୍ତରୀକତାର ସହିତ ତା'କୁ ଇସ୍‌ଲାମ୍ ଧର୍ମର ପ୍ରଚାର କଲେ ଓ ସେ ମଧ୍ୟ ପ୍ରକାଶ୍ୟ ରୂପେ ଅଭିରୁଚିର ସହିତ ଆପଣ ସ.ଅଙ୍କ ଭାଷଣକୁ ଶୁଣିଲା । କିନ୍ତୁ ମୁସଲମାନ ହେଲା ନାହିଁ । ଅପିତୁ ସେ ଆଁହଜରତ ସ.ଅଙ୍କୁ ଏହା କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ମୋ ସହିତ କିଛି ସାହାବାମାନଙ୍କୁ ନଜଦ୍ ଅଭିମୁଖେ ପ୍ରେରଣ କରନ୍ତୁ । ସେମାନେ ନଜଦ୍‌କୁ ଯାଇ ନଜଦ୍ ବାସୀଙ୍କୁ ଇସଲାମ୍ ଧର୍ମର ପ୍ରଚାର କରିବେ । ମୁଁ ଆଶା କୁରଛି ଯେ, ନଜଦ୍‌ବାସୀ ଆପଣ ସ.ଅଙ୍କର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିବେ ନାହିଁ । ଆପଣ ସ.ଅ କହିଲେ : ମୁଁ ନଜଦ୍‌ବାସୀଙ୍କ ଉପରେ ବିଶ୍ୱାସ ଓ ଭରାସା କରିପାରିବି ନାହିଁ । ଅବୁ ବରା କହିଲା: ଆପଣ ସ.ଅ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ସେମାନଙ୍କର (ସାହାବାମାନଙ୍କର) ସୁରକ୍ଷାର ଜାମିନ୍ (ପ୍ରତିଭୂତି) ହେଉଛି । ଯଦିଚ ଅବୁ ବରା ଏକ ସଂପ୍ରଦାୟର ଅଧିପତି ଓ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଥିଲା । ତେଣୁ ତା'ର ଆଶ୍ୱାସନା ହେତୁ ଆପଣ ସ.ଅ ତା' କଥାରେ ବିଶ୍ୱାସ କରିନେଲେ ଓ ସାହାବାମାନଙ୍କର ଏକ ଜମାଅତ୍ ନଜଦ୍ ଅଭିମୁଖେ ପ୍ରେରଣ କରିଦେଲେ ।

ଉକ୍ତ ବର୍ଣ୍ଣନାଟି ଇତିହାସର ଅଟେ । ବୁଖାରୀରେ ଉଲ୍ଲେଖ ରହିଛି ଯେ, ଗିଲା ସଂପ୍ରଦାୟ ଓ ଜକ୍ୱାନ୍ ଆଦି ସଂପ୍ରଦାୟ (ଯେକି ବନୁ ସଲିମ୍‌ର ବିଖ୍ୟାତ ସଂପ୍ରଦାୟର ଶାଖା ଥିଲେ) ସେମାନଙ୍କର କେତେକ ଲୋକ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଓ ଇସ୍‌ଲାମ୍ ଧର୍ମର ପରିପ୍ରକାଶ କରି ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମ ସଂପ୍ରଦାୟରେ ଯେଉଁ ଲୋକମାନେ ଇସ୍‌ଲାମ୍ ଧର୍ମର ଶତ୍ରୁ ଅଟନ୍ତି ସେମାନଙ୍କ ବିରୁଦ୍ଧରେ ଆପଣ ସ.ଅ ଆମମାନଙ୍କ ସାହାଯ୍ୟ ନିମନ୍ତେ (ଏହା ବ୍ୟାଖ୍ୟା ନୁହେଁ ଯେ, କୌଣସି ପ୍ରକାରର ସାହାଯ୍ୟ, କିମ୍ବା ପ୍ରଚାରିକ ଅବା ସୈନ୍ୟ ସାହାଯ୍ୟ) କେତେକ ବ୍ୟକ୍ତିଙ୍କୁ ପ୍ରେରଣ କରନ୍ତୁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ ଏକ ସୈନ୍ୟ ଟୁକୁଡ଼ି ପ୍ରେରଣ କଲେ । ଉପପରୋକ୍ତ ଦୁଇଟି ବର୍ଣ୍ଣନାନୁଯାୟୀ ଏହି ସ୍ଥିତି ହୋଇପାରେ ଯେ, ରିଅଲ୍ ଓ ଜକ୍ୱାନ୍‌ର ଲୋକମାନଙ୍କ ସହିତ ଆମିର୍ ସଂପ୍ରଦାୟର ଅଧିପତି ଅବୁ ବରା ଆମ୍‌ରି ମଧ୍ୟ ଆସିଲା ଓ ସେ ସେମାନଙ୍କ ପକ୍ଷରୁ (ସେହି ସଂପ୍ରଦାୟ ପକ୍ଷରୁ) ଆଁହଜରତ ସ.ଅଙ୍କ ସହିତ କଥା କରିଥାଇ ପାରେ । ସୁତରାଂ ଇତିହାସ ଅନୁଯାୟୀ ଆଁହଜରତ ସ.ଅଙ୍କ ଏହା କହିବା କି ମୋତେ ନଜଦ୍‌ବାସୀଙ୍କ ଉପରେ ଆଦୌ ବିଶ୍ୱାସ ନାହିଁ । ପୁନଶ୍ଚ ଅବୁ ବରା ଆମ୍‌ରିର ଏହି ଉତ୍ତର ଦେବା ଯେ, ଆପଣ ସ.ଅ ଆଦୌ ଚିନ୍ତିତ ଓ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଆପଣ ସ.ଅଙ୍କୁ ଆଶ୍ୱାସନ ଦେଉଛି ଯେ, ଆପଣ ସ.ଅଙ୍କ ସାହାବାମାନଙ୍କୁ କୌଣସି କଷ୍ଟ ହେବ ନାହିଁ । ଉକ୍ତ କଥାଟି ଏହି ପ୍ରସଙ୍ଗ ଆଡ଼କୁ ଇଙ୍ଗିତ କରେ ଯେ, ଅବୁ ବରା ସହିତ ରିଅଲ୍ ଓ ଜକ୍ୱାନ୍‌ର ଲୋକୋମାନେ ମଧ୍ୟ ଆସିଥିଲେ । ସେହିମାନଙ୍କ କାରଣରୁ ଆପଣ ସ.ଅ ଚିନ୍ତିତ ଥିଲେ । ତତ୍‌ସଂପର୍କରେ ପ୍ରଭୁ ହିଁ ଭଲ ଭାବବେ ଜାଣନ୍ତି ଯେ, ସତ ଘଟଣାଟି କ'ଣ ଥିଲା ? ସେ ଯାହା ହେଉ ଆଁହଜରତ ସ.ଅ ସିଫର 4 ହିଜ୍ରୀରେ ମୁନ୍‌ଜର୍ ବିନ୍ ଅମ୍ର ଅନ୍‌ସାରୀଙ୍କ ନେତୃତ୍ୱରେ ସାହାବାମାନଙ୍କର ଏକ ଦସ୍ତା ପ୍ରେରଣ କଲେ । ଏହି ଲୋକମାନେ ପ୍ରାୟତଃ ଅନ୍‌ସାରମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଓ ସଂଖ୍ୟାରେ ସତୁରୀ (70) ଜଣ ଥିଲେ ଓ ପ୍ରାୟ ସମସ୍ତେ କାରି ଅର୍ଥାତ ପବିତ୍ର କୁରଆନ୍ କରୀମ୍ ପାଠକାରୀ ବ୍ୟକ୍ତି ଥିଲେ। ଏହି କାରିମାନେ ଦିନବେଳା ଜଙ୍ଗଲରୁ ଜାଳେଣୀ କାଠ ସଂଗ୍ରହ କରୁଥିଲେ ଏବଂ ଏହାକୁ ବିକ୍ରି କରି ନିଜର ପେଟ ପାଟଣା କରୁଥିଲେ ଓ ରାତ୍ର ସମୟରେ ଅନେକ ଭାଗ ଅର୍ଥାତ ରାତ୍ରର ଅନେକ ପ୍ରହରରେ ଉପାସନୱାରେ ନିଜର ସମୟ ଅତିବାହିତ କରୁଥିଲେ । ଯେତେବେଳେ ଏହି ଲୋକମାନେ ସେହି ସ୍ଥାନରେ ପହଞ୍ଚିଲେ ଯାହାକି କୂପ ଯୋଗୁଁ ବେଏରେ ମଉନା ନାମ ଯୋଗୁଁ ବିଖ୍ୟାତ ଥିଲା । ତେବେ ସେହି ସଂପ୍ରଦାୟର ଲୋକମାନଙ୍କ ମଧ୍ୟରୁ ହରାମ୍ ବିନ୍ ମିଲ୍‌ହାନ୍ ଯେକି ଅନସ୍ ବିନ୍ ମାଲିକ୍ ର.ଅଙ୍କ ମାମୁଁ ଥିଲେ ଆଁହଜରତ ସ.ଅଙ୍କ ପକ୍ଷରୁ ବା ଠାରୁ ଇସଲାମ୍ ଧର୍ମର ବାର୍ତ୍ତା ନେଇ ଆମିର୍ ସଂପ୍ରଦାୟର ଅଧିପତି ଓ ଅବୁ ବରା ଆମ୍‌ରିର ପୁତୁରା ଆମିର୍ ବିନ୍ ତୁଫୈଲ୍ ନିକଟକୁ ଆସିଲେ ଓ ଅନ୍ୟ ସାହାବାମାନେ ପଛରେ ରହିଲେ । ଯେତେବେଳେ ହରାମ୍ ବିନ୍ ମିଲ୍‌ହାନ୍ ର.ଅ ଆଁହଜରତ ସ.ଅଙ୍କ ସନ୍ଦେଶ ବାହକ ରୂପେ ଆମିର୍ ବିନ୍ ତୁଫୈଲ୍ ଓ ତା'ର ସାଥୀମାନଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ପ୍ରାରମ୍ଭରେ ସେମାନେ କପଟବିଶ୍ୱାସୀମୂଳକ ଅତିଥି ସତ୍କରା କଲେ । କିନ୍ତୁ ଯେତେବେଳେ ହରାମ୍ ବିନ୍ ମିଲ୍‌ହାନ୍ ଆଶ୍ୱସ୍ତ ହୋଇ ବସିଗଲେ ଏବଂ ଇସ୍‌ଲାମ୍ ଧର୍ମର ପ୍ରଚାର କରିବାକୁ ଲାଗିଲେ ସେତେବେଳେ ସେହି ନଜଦ୍‌ବାସୀର ରିଅଲ୍ ଓ ଜକ୍ୱାନ୍ ସଂପ୍ରଦାୟର

ଲୋକମାନଙ୍କ ମଧ୍ୟରୁ କେତେକ ଖଳ ପ୍ରକୃତିର ଲୋକକୁ ଇଙ୍ଗିତ କଲେ । ସେହି ଖଳ ପ୍ରକୃତିର ଦୁର୍ବୃତ୍ତ ବ୍ୟକ୍ତି ହ. ହରାମ୍ ବିନ୍ ମିଲ୍‌ହାନ୍‌ଙ୍କ ପଛ ପଟୁ ବର୍ଚ୍ଛା ମାରି ସେହିଠାରେ ହିଁ ଶେଷ କରିଦେଲା । ହରାମ୍ ବିନ୍ ମିଲ୍‌ହାନ୍‌ଙ୍କ ତୁଣ୍ଡରୁ ସେତେବେଳେ ଏହି ଶବ୍ଦ ଥିଲା اَللّٰهُ اَكْبَرُ فُزْتُ وَرَبِّ الْكَعْبَةِ ଅର୍ଥାତ କାଆବାର ପ୍ରଭୁଙ୍କ ଶପଥ କରି କହୁଛି ମୋ ଜୀବନ ସାର୍ଥକ ହୋଇଗଲା । "ଆମିର୍ ବିନ୍ ତୁଫୈଲ୍ ଆଁହଜରତ ସ.ଅଙ୍କ ସନ୍ଦେଶବାହକଙ୍କୁ କେବଳ ହତ୍ୟା କଲା ତାହା ନୁହେଁ ବରଂ ସେ ଏହା ପରେ ନିଜ ସଂପ୍ରଦାୟ ଅର୍ଥାତ୍ ବନୁ ଆମିର୍ ସଂପ୍ରଦାୟର ଲୋକମାନଙ୍କୁ ଉସକାଇଲା କି ସେମାନେ ମୁସଲମାନମାନଙ୍କର ଅବଶିଷ୍ଟ ଜମାଅତ୍ ଉପରେ ଆକ୍ରମଣ କରି ଦିଅନ୍ତୁ । କିନ୍ତୁ ସେମାନେ ଏକଥାକୁ ଅସ୍ୱୀକାର କରିଦେଲେ ଓ କହିଲେ, ଆମେ ଅବୁ ବରାର ଅଧୀନ ଥାଉ ଥାଉ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବୁ ନାହିଁ । ଏହାପରେ ଆମିର୍ ସୁଲେମ୍ ସଂପ୍ରଦାୟ ମଧ୍ୟରୁ ବନୁ ରିଅଲ୍, ଜକ୍‌ୱାନ୍ ଓ ଉସୈୟାହ୍ ଆଦିକୁ (ବୁଖାରୀର ବର୍ଣ୍ଣନାନୁଯାୟୀ ଆଁହଜରତ ସ.ଅଙ୍କ ନିକଟରେ ପ୍ରତିନିଧି ହୋଇ ଆସିଥିଲେ) ନିଜ ସହିତ ନେଇ ଏ ସମସ୍ତ ଲୋକମାନେ ମୁସଲମାନମାନଙ୍କର ସ୍ୱଳ୍ପ ସ୍ୱଳ୍ପ ଓ ଅସହାୟ ଗୋଷ୍ଠୀ ଉପରେ ଆକ୍ରମଣ କଲେ । ମୁସଲମାନମାନେ ଯେତେବେଳେ ସେହି ହିଂସ୍ର ତଥା ନୃଶଂସ ଜନ୍ତୁ ତୁଲ୍ୟ ଲୋକମାନଙ୍କୁ ନିଜ ଆଡ଼କୁ ଆସୁଥିବାର ଅବଲୋକନ କଲେ ସେତେବେଳେ ସେମାନଙ୍କୁ କହିଲେ, ଆମେ ତୁମର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରୁ ନାହୁଁ କି ତୁମ ଉପରେ ଆପତ୍ତି କରୁ ନାହୁଁ । ଆମେମାନେ ତ' ରସୁଲୁଲ୍ଲାଃ ସ.ଅଙ୍କ ପକ୍ଷରୁ ଏକ କାର୍ଯ୍ୟ ସକାଶେ ଆସିଛୁ ଏବଂ ଆମେମାନେ ତୁମ ସହିତ ଲଢ଼ିବା ପାଇଂ ଆସି ନାହୁଁ । କିନ୍ତୁ ସେମାନେ ଟିକେ ହେଲେ ଶୁଣିଲେ ନାହିଁ ଏବଂ ସମସ୍ତଙ୍କୁ ଖଡ଼୍‌ଗ ଦ୍ୱାରା ନୃଶଂସନୀୟ ଓ ବୀଭତ୍ସ ଭାବରେ ଶହୀଦ୍ କରିଦେଲେ । ସେହି ସାହାବାମାନଙ୍କ ମଧ୍ୟରୁ ଯେଉଁମାନେ ସେଠାରେ ଉପସ୍ଥିତ ଥିଲେ ତନ୍ମଧ୍ୟରୁ କେବଳ ଜଣେ ବ୍ୟକ୍ତି ଜୀବିତ ବଞ୍ଚିଲେ । ସେ ଛୋଟା ଲୋକ (ଦିବ୍ୟାଙ୍ଗ ବ୍ୟକ୍ତି) ଥିଲେ ଏବଂ ସେ ପର୍ବତ ଉପରେ ଚଢ଼ି ଯାଇଥିଲେ । ସେହି ସାହାବିଙ୍କ ନାମ କାଆବ୍ ବିନ୍ ଜୈଦ୍ ଥିଲା । ଅନ୍ୟ କେତେକ ବର୍ଣ୍ଣନାରୁ ଏହା ପ୍ରତୀୟମାନ ହୁଏ ଯେ, ଅବିଶ୍ୱାସକାରୀମାନେ ହ. କାଆବ୍ ବିନ୍ ଜୈଦ୍ ର.ଅଙ୍କ ଉପରେ ମଧ୍ୟ ଆକ୍ରମଣ କରିଥିଲେ । ଫଳତଃ ସେ ଗମ୍ଭୀର ଭାବରେ ଆହତ ହୋଇଥିଲେ ଏବଂ ଅବିଶ୍ୱାସକାରୀମାନେ ତାଙ୍କୁ ମୃତ ଭାବି ଛାଡ଼ି ଚାଲିଯାଇଥିଲେ । କିନ୍ତୁ ପ୍ରକୃତରେ ତାଙ୍କ ଶରୀର ମଧ୍ୟରେ ଜୀବନ ବାକି ରହିଥିଲା । ତେଣୁ ସେ ବଞ୍ଚି ଯାଇଥିଲେ ।

ସାହାବାମାନଙ୍କର ସେହି ଜମାଅତ୍ ମଧ୍ୟରୁ ଦୁଇ ଜଣ ବ୍ୟକ୍ତି ଅର୍ଥାତ ଅମ୍ର ବିନ୍ ଉମୈୟାହ୍ ଜମ୍ରୀ ଓ ମୁନ୍‌ଜର୍ ବିନ୍ ମୁହମ୍ମଦ ସେତେବେଳେ ଓଟମାନଙ୍କୁ ଚରାଇବା ନିମନ୍ତେ ନିଜ ଗୋଷ୍ଠୀରୁ ପୃଥକ ହୋଇ ଏଣେତେଣେ ବୁଲୁଥିଲେ । ସେମାନେ ଦୂରରୁ ନିଜର ବସା ଆଡ଼କୁ ଦୃଷ୍ଟିପାତ କରିବାରୁ ଏହା ଅବଲୋକନ କଲେ ଯେ, ପକ୍ଷୀମାନେ ଦଳ ଦଳ ହୋଇ ଉଡ଼ି ବୁଲୁଛନ୍ତି । ସେ ସେହି ମରୁଭୂମିଜ ଇଙ୍ଗିତକୁ ଭଲ ଭାବରେ ଜାଣିଥିଲେ । ସେ ତତ୍‌କ୍ଷଣାତ୍ ଦେଖି ଜାଣିପାରିଲେ ଯେ, ଏଠାରେ ନିଶ୍ଚିତ କୌଣସି ଯୁଦ୍ଧ ହୋଇଛି । ଯେତେବେଳେ ସେ ସେଠାରୁ ଫେରି ଆସିଲେ ସେତେବେଳେ ସେ ଏହା ଅବଲୋକନ କଲେ ଯେ, ଅତ୍ୟାଚାରୀମାନଙ୍କର ରକ୍ତପାତ ବା ନରସଂହାରର ଦୃଶ୍ୟ ନିଜ ଦୃଷ୍ଟି ସମ୍ମୁଖରେ ଅବଲୋକନ କଲେ ସେତେବେଳେ ସେମାନେ ତୁରନ୍ତ ପରସ୍ପର ମଧ୍ୟରେ ପରାମର୍ଶ କରିବାକୁ ଲାଗିଲେ ଯେ, ବର୍ତ୍ତମାନ ଆମମାନଙ୍କୁ କ'ଣ କରିବାକୁ ହେବ ? ଜଣେ କହିଲା କି ଆମମାନଙ୍କୁ ତୁରନ୍ତ ଏଠାରୁ ପଳାୟନ କରିଯିବା ଉଚିତ୍ ଓ ମଦିନାରେ ପହଞ୍ଚି ଆଁହଜରତ ସ.ଅଙ୍କୁ ତତ୍‌ସଂପର୍କରେ ସୂଚିତ କରିଦେବା ଉଚିତ୍ । କିନ୍ତୁ ଅନ୍ୟ ଜଣେ ଉକ୍ତ ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ ଓ କହିଲା ଯେ, ଯେଉଁଠି ଆମର ଅମୀର୍ ମୁନ୍‌ଜର୍ ବିନ୍ ଅମ୍ର ଶହୀଦ୍ ହୋଇଛନ୍ତି ମୁଁ ତ' ସେଠାରୁ ପଳାୟନ କରିପାରିବି ନାହିଁ । ସୁତରାଂ ସେହି ବୀର ସାହାବି ଜଣକ ଆଗକୁ ବଢ଼ି ଅବିଶ୍ୱାସକାରୀମାନଙ୍କ ସହିତ ଲଢ଼ିଲେ ଓ ବୀରଗତି ପ୍ରାପ୍ତ କଲେ । କିନ୍ତୁ ଅନ୍ୟ ସାହାବି ଯାହାଙ୍କ ନାମ ଅମ୍ର ବିନ୍ ଉମୈୟା ଜମ୍ରୀ ଥିଲା ତାଙ୍କୁ ଅବିଶ୍ୱାସକାରୀ ଧରି ବନ୍ଦୀ କରିଦେଲେ । ସମ୍ଭବତଃ ଅବିଶ୍ୱାସକାରୀମାନେ ତାଙ୍କୁ ମଧ୍ୟ ଶହୀଦ୍ କରିଦେଇ ଥାଆନ୍ତେ। କିନ୍ତୁ ସେମାନଙ୍କୁ ଯେତେବେଳେ ଏହା ଜ୍ଞାତ ହେଲା ଯେ, ଅମ୍ର ବିନ୍ ଉମୈୟାହ୍ ଜମ୍ରୀ ମଜର୍ ସଂପ୍ରଦାୟର ବ୍ୟକ୍ତି ଅଟେ ସେତେବେଳେ ସେମାନେ ଆମିର୍ ବିନ୍ ତୁଫୈଲ୍ ଆରବୀୟ ପ୍ରଥାନୁଯାୟୀ ତା'ର ମଥାର କିଛି କେଶ କାଟି ତା'କୁ କାରାମୁକ୍ତ କରିଦେଲା ଏବଂ କହିଲା ଯେ, ମୋର ମାତା ମଜର୍ ସଂପ୍ରଦାୟର ଜଣେ ଦାସକୁ କାରାମୁକ୍ତ କରିବାର ମାନସିକ କରିଛନ୍ତି ତେଣୁ ମୁଁ ତୋତେ ମୋ ମାଙ୍କ ଦ୍ୱାରା କରିଥିବା ମାନସିକ ଯୋଗୁଁ ମୁକ୍ତ କରୁଛି । ଅର୍ଥାତ ସେହି 70 ଜଣ ସାହାବାମାନଙ୍କ ମଧ୍ୟରୁ କେବଳ ଦୁଇ ଜଣ ସାହାବି ଜୀବିତ ରହିଲେ । ତନ୍ମଧ୍ୟରେ ଜଣେ ହେଉଛନ୍ତି ହ. ଅମ୍ର ବିନ୍ ଉମୈୟାହ୍ ଜମ୍ରୀ ଓ ଅନ୍ୟ ଜଣେ ହେଉଛନ୍ତି କାଆବ୍ ବିନ୍ ଜୈଦ୍ ଯାହାଙ୍କୁ ଅବିଶ୍ୱାସକାରୀମାନେ ମୃତ ଭାବି ଛାଡ଼ି ଚାଲିଯାଇଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ: ବେଏରେ ମଉନା ଅବସରରେ ବୀରଗତି ପ୍ରାପ୍ତ କରିଥିବା ସାହାବାମାନଙ୍କ ମଧ୍ୟରେ ହ. ଅବୁ ବକର ର.ଅଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ଓ ଇସ୍‌ଲାମ୍ ଧର୍ମର ବୀର, ପ୍ରାଣୋତ୍ସର୍ଗୀ ସାହାବି ଆମିର୍ ବିନ୍ ଫୁହେରାହ୍ ର.ଅ ମଧ୍ୟ ଥିଲେ। ହ. ଆମିର୍ ବିନ୍ ଫୁହେରାହ୍‌ଙ୍କୁ ଯବ୍‌ବାର୍ ବିନ୍ ସଲ୍‌ମା ନାମକ ଜଣେ ବ୍ୟକ୍ତି ଶହୀଦ୍ କରିଥିଲା । ପରବର୍ତ୍ତୀ ସମୟରେ ଏହି ଯବ୍‌ବାର୍ ମୁସଲମାନ ହୋଇଯାଇଥିଲେ ଏବଂ ନିଜର ମୁସଲମାନ ହେବା ସଂପର୍କରେ ସେ କୁହନ୍ତି ଯେ, ମୁଁ ଯେତେବେଳ ଆମିର୍ ବିନ୍ ଫୁହେରାହ୍ ର.ଅଙ୍କୁ ଶହୀଦ୍ କଲି ସେତେବେଳେ ତାଙ୍କ ତୁଣ୍ଡରୁ ସହସା ବାହାରି ପଡ଼ିଲା فُزْتُ وَاللّٰهِ । ଅର୍ଥାତ ଈଶ୍ୱରଙ୍କ ଶପଥ କରି କହୁଛି ମୋର ଜୀବନ ସାର୍ଥକ ହୋଇଗଲା ଏବଂ ମୁଁ ସାଫଲ୍ୟ ମଣ୍ଡିତ ହେଲି । ଯବ୍‌ବାର୍ କୁହନ୍ତ: "ମୁଁ ଏହି ଶବ୍ଦ ଶୁଣି ଆଶ୍ଚର୍ଯ୍ୟ ଚକିତ୍ ହେଲି ଯେ, ମୁଁ ତ' ଏହି ବ୍ୟକ୍ତିକୁ ଶହୀଦ୍ କରିଛି ଅଥଚ ସେ ଏହା କହୁଛି ଯେ, ମୁଁ ସାଫଲ୍ୟ ମଣ୍ଡିତ ହୋଇଗଲି ଓ ମୋ ଜୀବନ୍ ସାର୍ଥକ ହୋଇଗଲା । ଏହା କି ପ୍ରକାରର କଥା ? ସୁତରାଂ ମୁଁ ପରବର୍ତ୍ତୀ ସମୟରେ ଲୋକମାନଙ୍କୁ ଯେତେବେଳେ ଏହାର କାରଣ ପଚାରିଲି ସେତେବେଳେ ମୁଁ ଏହା ଜାଣିବାକୁ ପାଇଲି ଯେ, ମୁସଲମାନମାନେ ଈଶ୍ୱରଙ୍କ ମାର୍ଗରେ ନିଜର ଜୀବନ ଦେବାକୁ ସବୁଠୁ ବଡ଼ ସଫଳତା ବୋଲି ମନେ କରନ୍ତି। ଉକ୍ତ କଥା ମୋ ସ୍ୱଭାବ ଉପରେ ଏତେ ମାତ୍ରାରେ ଗଭୀର ପ୍ରଭାବ ପକାଇଲା ଯେ, ପରିଶେଷରେ ମୁଁ ମୁସଲମାନ ହୋଇଗଲି । "

ଆଁହଜରତ ସ.ଅ ଓ ଆପଣ ସ.ଅଙ୍କର ସାହାବାମାନଙ୍କୁ ରଜିଇ ଓ ବେଏରେ ମଉନା ଘଟଣାବଳୀର ସୂଚନା ପ୍ରାୟ ଏକା ସମୟରେ ପ୍ରାପ୍ତ ହେଲା ଏବଂ ଆପଣ ସ.ଅ ଏଥିଯୋଗୁଁ ବହୁତ ବ୍ୟଥିତ ଓ ମର୍ମାହତ ହେଲେ । ଏପର୍ଯ୍ୟନ୍ତକି ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ଏପରି ଦୁଃଖଦାୟକ ଘଟଣାର କେବେ ବି ସମ୍ମୁଖୀନ ହୋଇ ନଥିଲେ ଓ ନା ହିଁ ପରବର୍ତ୍ତୀ ସମୟରେ ଏପରି କୌଣସି ଘଟଣା ଯୋଗୁଁ ଆପଣ ସ.ଅ ମର୍ମାହତ ହୋଇଥିଲେ । ଉକ୍ତ ଘଟଣା ଅର୍ଥାତ 80 ଜଣ ସାହାବିମାନଙ୍କୁ ବିଶ୍ୱାସଘାତକ ଓ ଛଳନାପୂର୍ବକ ଅଚାନକ ଶହୀଦ୍ କରିବା ଓ ସାହାବି ମଧ୍ୟ ଏପରି ସାହାବି ଅଟନ୍ତି ଯେଉଁମାନେ ସର୍ବାଧିକ ଭାବରେ ପବିତ୍ର କୁରଆନ୍ କରୀମ୍‌ର ହୁଫ୍‌ଫାଜ୍ (ମୁଖସ୍ଥକାରୀ) ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ପୁନଶ୍ଚ ସେମାନେ ଦରିଦ୍ର ତଥା ନିଃସ୍ୱାର୍ଥପର ସ୍ୱଭାବ ଶ୍ରେଣୀୟ ବ୍ୟକ୍ତି ଥିଲେ । ଆରବୀୟମାନଙ୍କର ନୃଶଂସନୀୟ ପ୍ରଥାକୁ ଦୃଷ୍ଟିରେ ରଖି ଏହି ଘଟଣାଟି କୌଣସି ସାଧାରଣ ଘଟଣା ନଥିଲା । ସ୍ୱୟଂ ଆଁହଜରତ ସ.ଅଙ୍କ ପାଇଁ ଏହି ସମ୍ବାଦ 80 ଜଣ ପୁତ୍ରଙ୍କ ବିୟୋଗ ସହିତ ସମାନ ଥିଲା । ଏହାଠୁ ବଳି ଏକ ଆଧ୍ୟାତ୍ମିକ ବ୍ୟକ୍ତି ପାଇଁ ଆଧ୍ୟାତ୍ମିକ ସଂପର୍କ ନିଃସନ୍ଦେହ ରୂପେ ଏହାଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଆନ୍ତରୀକତାପୂର୍ଣ୍ଣ ସମ୍ବାଦ ହୋଇଥାଏ ଯେତିକି ଜଣେ ସାଂସାରିକ ବ୍ୟକ୍ତିଙ୍କୁ ସାଂସାରିକ ସଂପର୍କୀୟ ତଥା ପରିଜନମାନେ ଅତି ଆପଣାର ମନେ ହୁଅନ୍ତି ଠିକ୍ ସେହିପରି ଏହି ସାହାବାମାନେ ଆଁହଜରତ ସ.ଅଙ୍କର ଅତି ଆପଣାର ଲୋକ ଥିଲେ । ସୁତରାଂ ଉକ୍ତ ଘଟଣା ଯୋଗୁଁ ଆଁହଜରତ ସ.ଅ ଗଭୀର ଭାବରେ ମର୍ମାହତ ହୋଇଥିଲେ । କିନ୍ତୁ ଇସ୍‌ଲାମ୍ ଧର୍ମରେ ପ୍ରତ୍ୟେକ ପରିସ୍ଥିତିରେ ଧୈର୍ଯ୍ୟ ପ୍ରଦର୍ଶନ ନିମନ୍ତେ ଆଦେଶ ଦିଆଯାଇଛି ବା ତାଗିଦ୍ କରାଯାଇଛି । ଆପଣ ସ.ଅ ଉକ୍ତ ଖବରଟିକୁ ଶୁଣି اِنَّا لِلّٰهِ وَاِنَّا اِلَيْهِ رٰجِعُوْنَ ଓ ପୁନଶ୍ଚ ଏହି ଶବ୍ଦ କହି ମୌନ ହୋଇଗଲେ ଯେ, هٰذَا عَمَلُ اَبِيْ بَرَاءٍ قَدْ كُنْتُ لِهٰذَا كَارِهًا مُتَخَوِّفًا ଅର୍ଥାତ ଏହା ଅବୁ ବରା ବିନ୍ ଆଜିବ୍‌ର ଫଳଶ୍ରୁତି ଅଟେ । ଅନ୍ୟଥା ମୁଁ ସେମାନଙ୍କୁ (ସାହାବାମାନଙ୍କୁ) ପ୍ରେରଣ କରିବା ପାଇଁ ପ୍ରସ୍ତୁତ ନଥିଲି ଓ ନଜଦ୍‌ବାସୀ ସଂପର୍କରେ ମୁଁ ବହୁତ ଭୟଭୀତ ଥିଲି ଓ ମୋ ମନରେ ଭୟ ରହିଥିଲା ଯେ, ସେମାନେ ସାହାବାମାନଙ୍କ ସହିତ କିପରି ବ୍ୟବହାର ପ୍ରଦର୍ଶନ କରିବେ ? (ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ଲେଖକ- ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍ ଏମ୍. ଏ ର.ଅ, ପୃ-517-521)

ପୁନଶ୍ଚ ପରବର୍ତ୍ତୀ ସାହାବିଙ୍କର ଚର୍ଚ୍ଚା ରହିଛି ସେ ହେଉଛନ୍ତି ହ. ସାଆଦ୍ ବିନ୍

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଖୌଲା। ଆପଣଙ୍କର ସଂପର୍କ ବନୁ ମାଲିକ୍ ବିନ୍ ସହଲ୍ ବିନ୍ ଆମିର୍ ବିନ୍ ଲୋଇ ସହିତ ଥିଲା । କେତେକଙ୍କ ନିକଟରେ ଆପଣ ବନୁ ଆମିର ସଂପ୍ରଦାୟର ମିତ୍ର ଥିଲେ। ସେ ପାରସ୍ୟବାସୀଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯେଉଁମାନେ ୟମନ୍‌ରେ ଆସି ଏଠାରେ ବସତି ସ୍ଥାପନ କିରଥିଲେ । **(ଉସ୍‌ଦୁଲ୍ ଗାବା ଫି ମାଆରିଫତୁସ୍ ସାହାବା, ଭାଗ-2. ପୃ-427, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ 2003 ମସିହା)**

ଆମିର୍ ବିନ୍ ସାଆଦ୍ ନିଜର ପିତାଶ୍ରୀ ସାଆଦ୍ ବିନ୍ ୱକ୍କାସ୍‌ଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ କହିଲେ ଆଁହଜରତ ସ.ଅ ହଜ୍ଜତୁଲ୍ ୱିଦା (ବିଦାୟକାଳୀନ ଶେଷ ତୀର୍ଥ) ଅବସରରେ ମୋର ରୋଗାବସ୍ଥା ସଂପର୍କରେ ପଚାରି ବୁଝିଲେ । ମୋର ସେହି ରୋଗ ଏମିତିଆ ରୋଗ ଥିଲା ଯେ, ମୁଁ ମୃତ୍ୟୁର ବେଶ୍ ନିକଟବର୍ତ୍ତୀ ହୋଇଯାଇଥିଲି । ମୁଁ କହିଲି, ହେ ଅଲ୍ଲାଃ ମୁଁ ଯେଉଁ ପୀଡ଼ାରେ ପୀଡ଼ିତ ହୋଇ ଶେଷ ଅବସ୍ଥାରେ ଉପନୀତ ହୋଇଛି, ଆପଣ ମୋର ସେହି ଦୂରାବସ୍ଥାକୁ ଦେଖୁଛନ୍ତି । ମୁଁ ଧନବାନ ଅଟେ ଏବଂ ମୋର କନ୍ୟା ସନ୍ତାନ ବ୍ୟତୀତ ଆଉ କେହି ବି ମୋର ଉତ୍ତରାଧିକାରୀ ନାହାନ୍ତି । କ'ଣ ମୁଁ ଦୁଇ ତୃତୀୟାଂଶ ସମ୍ପତ୍ତି ଦାନ କରିପାରିବି କି? ଆପଣ ସ.ଅ କହିଲେ, ନାହିଁ । ସେ କୁହନ୍ତି, ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ତାହାହେଲେ କ'ଣ ମୁଁ ମୋର ଅର୍ଦ୍ଧ ସମ୍ପତ୍ତି ଦାନ କରିପାରିବ କି ? ଆପଣ ସ.ଅ କହିଲେ ନା । ମୋ କହିବାରୁ ଆପଣ ସ.ଅ କହିଲେ, ହେ ଖୌଲା ! ତୁମେ ତୃତୀୟାଂଶ ସମ୍ପତ୍ତି ଦାନ କରିଦିଅ । ତୃତୀୟାଂଶ ସମ୍ପତ୍ତି ମଧ୍ୟ ପର୍ଯ୍ୟାପ୍ତ ଓ ଯଥେଷ୍ଟ ଅଟେ । ପୁନଶ୍ଚ ଆଁହଜରତ ସ.ଅ କହିଲେ ତୁମର ନିଜର ଉତ୍ତରାଧିକାରୀମାନଙ୍କୁ ନିରୋଗ ତଥା ସୁସ୍ଥାବସ୍ଥାରେ ଛାଡ଼ିବା ସେମାନଙ୍କୁ ଦରିଦ୍ରାବସ୍ଥାରେ ଛାଡ଼ିବା ଠାରୁ ଅଧିକ ଶ୍ରେୟସ୍କର ଅଟେ । କାରଣ ସେମାନେ ଲୋକମାନଙ୍କ ଆଗରେ ଯେପରି ହାତ ନପାତନ୍ତୁ ଏବଂ ତୁମେ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଯାହାକିଛି ବି ଅର୍ଥ ଖର୍ଚ୍ଚ କରିବ ତେବେ ତୁମେ ତାହାର ପ୍ରତିଫଳ ଓ ପୁଣ୍ୟ ଅବଶ୍ୟ ପ୍ରାପ୍ତ କରିବ । ଏପର୍ଯ୍ୟନ୍ତକି ତୁମେ ନିଜ ପତ୍ନୀକୁ ମୁଠାଏ ଭାତ ଖୁଆଅ ତେବେ ତାହାର ପ୍ରତିଫଳ ମଧ୍ୟ ଅଲ୍ଲାଃତାଲା ତୁମକୁ ଅବଶ୍ୟ ପ୍ରଦାନ କରିବେ । ସେ କୁହନ୍ତି ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ମୁଁ ନିଜର ସାଥିମାନଙ୍କ ଠାରୁ ପଛରେ ରହିଯିବି କି ? ରସୁଲୁଲ୍ଲାଃ ସ.ଅ କହିଲେ ପଛେଇ ତ' ଯିବ ନାହିଁ କିନ୍ତୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ତୁମେ ଯେଉଁ କାର୍ଯ୍ୟ କରିବ ଏବଂ ଯେଉଁ କର୍ମ ମାଧ୍ୟମରେ ତୁମେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ଇଚ୍ଛା ପ୍ରକାଶ କର, ତେବେ ତୁମର ସ୍ତର ସେହି କର୍ମ ମାଧ୍ୟମରେ ହିଁ ଉନ୍ନୀତ ହେବ ଏବଂ ଏକଥା ଅସମ୍ଭବ ଯେ, ତୁମେ ଏତେ ପୁଣ୍ୟ କରି ପଛେଇଯିବ । ଅର୍ଥାତ ତୁମେ ଦୀର୍ଘାୟୁ ହେବ । ଏପର୍ଯ୍ୟନ୍ତକି ସଂପ୍ରଦାୟମାନେ ତୁମ ଠାରୁ ଉପକୃତ ହେବେ ଏବଂ ଅନ୍ୟ କେତେକ କ୍ଷେତ୍ରରେ ସେମାନେ କ୍ଷତି ମଧ୍ୟ ସହିବେ । ପୁନଶ୍ଚ ହୁଜୁର ସ.ଅ କହିଲେ,ହେ ଅଲ୍ଲାଃ ! ମୋର ସାହାବାମାନଙ୍କର ପ୍ରବାସକୁ ପୂର୍ଣ୍ଣ କର ଏବଂ ସେମାନଙ୍କୁ ଗୋଇଠି ଯୋଗେ ଆଉ ପଛକୁ ଫେରାଇ ନିଅ ନାହିଁ । କିନ୍ତୁ ନିରୀହ ବର୍ଣ୍ଣନାକାରୀ ସାଆଦ୍ ବିନ୍ ଖୌଲା କୁହନ୍ତି ଯେ, ଆଁହଜରତ ସ.ଅ ତାଙ୍କ ଦୁଃଖ ପ୍ରକାଶ କଲେ । କାରଣ ସେ ପ୍ରବାସ ପରେ ମକ୍କାରେ ମୃତ୍ୟୁବରଣ କରିଥିଲେ । ସେହିପରି ଆଁହଜରତ ସ.ଅ ହ. ସାଆଦ୍ ବିନ୍ ଖୌଲାଙ୍କ ନିମନ୍ତେ ଶୋକ ପ୍ରକାଶ କରି କହୁଥିଲେ ଯେ, ସେ ମକ୍କାରେ ମୃତ୍ୟୁବରଣ କରିଥିଲେ । ଏହା ଏଇଥି ପାଇଁ ଥିଲା ଯେ, ଯେଉଁ ବ୍ୟକ୍ତି ମକ୍କାରୁ ପ୍ରବାସ କଲା ତା' ପାଇଁ ରସୁଲୁଲ୍ଲାଃ ସ.ଅ ଏକଥା ନାପସନ୍ଦ କରୁଥିଲେ ଯେ, ସେ ମକ୍କା ପୁନଃ ପ୍ରତ୍ୟାବର୍ତ୍ତନ କରନ୍ତୁ ଅବା ସେଠାରେ ହଜ୍ ଓ ଉମ୍ରା କରିବା ବ୍ୟତୀତ ଅଧିକ ଦିନ ଅବସ୍ଥା କରନ୍ତୁ ।

**(ସହି ମୁସ୍‌ଲିମ୍ କିତାବୁଲ୍ ୱସିୟତା ବିସ୍ ସାଲିସି, ହଦିସ୍ ନଂ-4209) (ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ୍-3, ପୃ-312, ସାଆଦ୍ ବିନ୍ ଖୌଲା ର.ଅ, ପ୍ରକାଶନ୍ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ 2003 ମସିହା)**

ଇସ୍‌ମାଇଲ୍ ବିନ୍ ମୁହମ୍ମଦ୍ ବିନ୍ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ସାଏବ୍ ବିନ୍ ଉମୈର୍ ଅଲ୍‌କାରୀଙ୍କୁ ଆଦେଶ ଦେଲେ ଯେ, ସାଆଦ୍ ବିନ୍ ଅବି ୱକ୍କାସ୍‌ଙ୍କ ସଂକ୍ରାନ୍ତରେ ହୁଜୁର ସ.ଅ କହିଲେ, ଯଦି ସାଆଦ୍ ବିନ୍ ଖୌଲା ମୃତ୍ୟୁ ବରଣ କରନ୍ତି ତେବେ ତାଙ୍କୁ ମକ୍କାରେ କବର ନଦିଆଯାଉ । **(ଅଲ୍ ଇସାବା, ଭାଗ-3, ପୃ-21, ପ୍ରକାଶନ ସ୍ଥାନ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍-1995 ମସିହା)**

ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ସଂପର୍କରେ ହୁଜୁର ର.ଅ କହିଲେ ଯେ, ଯଦି ହ. ସାଆଦ୍ ବିନ୍ ଅବି ୱକ୍କାସ ର.ଅ ମକ୍କାରେ ମୃତ୍ୟୁ ବରଣ କରନ୍ତି ତେବେ ତାଙ୍କୁ ମକ୍କାରେ କବର ଦିଆ ନଯାଉ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-8, ପୃ-485, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା)**

ହ. ସାଆଦ୍ ବିନ୍ ଖୌଲା ଯେତେବେଳେ ହଜ୍ଜତୁଲ୍ ୱିଦା ଅବସରରେ ମୃତ୍ୟୁବରଣ କଲେ ସେତେବେଳେ ତାଙ୍କର ପତ୍ନୀ ଗର୍ଭବତୀ ଥିଲେ । ସୁତରାଂ ହ. ସାଆଦ୍ ବିନ୍ ଖୌଲାଙ୍କ ବିୟୋଗକୁ ଅଧିକ ଦିନ ଅତିକ୍ରାନ୍ତ ହୋଇ ନଥିଲା କି ସାଆଦ୍‌ଙ୍କ ପତ୍ନୀ ଏକ ସନ୍ତାନ ଜନ୍ମ କଲେ । ଅର୍ଥାତ ହ. ଖୌଲା ର.ଅଙ୍କ ବିୟୋଗର କିଛି ଦିନ ପରେ ହିଁ ଖୌଲାଙ୍କ ପତ୍ନୀଙ୍କୁ ଏକ ସନ୍ତାନ ଜାତ ହେଲା। ଅତଃ ୨୫ ରାତ୍ର କିମ୍ବା ତା'ଠୁ ବି କମ୍ ସମୟରେ ତାଙ୍କ ପତ୍ନୀଙ୍କ ପ୍ରସବ ହୋଇଥିଲା । ଯେତେବେଳେ ସେ ନିଫାସ୍ (ଚାଳିଶି ଦିନ ପର୍ଯ୍ୟନ୍ତ ମହିଳାର ଗର୍ଭ ଏବଂ ଯୋନୀରୁ କ୍ଷରିତ ରକ୍ତକୁ ଖୁନେ ନିଫାସ୍ କୁହନ୍ତି)ରୁ ପବିତ୍ର ହୋଇଗଲେ ସେତେବେଳେ ତାଙ୍କୁ ଯେଉଁ ବ୍ୟକ୍ତିମାନେ ନିକାହ୍ କରିବା ପାଇଁ ପ୍ରସ୍ତାବ ପଠାଉଥିଲେ ସେମାନଙ୍କ ପାଇଁ ସାଆଦ୍ ବିନ୍ ଖୌଲା ର.ଅଙ୍କ ପତ୍ନୀ ଶୃଙ୍ଗାରିତ (ଅର୍ଥାତ ସଜେଇ) ହେଲେ। ତାଙ୍କ ନିକଟରେ ଅବୁ ସନାବିଲ୍ ବିନ୍ ବୋକାକୁନ୍ ଅବ୍‌ଦୁଦ୍‌ଦାର୍ ସଂପ୍ରଦାୟର ବାକିକ୍ ନାମ ଜଣେ ବ୍ୟକ୍ତି ଆସିଲେ । ସେ ତାଙ୍କୁ କହିଲା ଯେ, ଘଟଣା କ'ଣ କ'ଣ ହୋଇଛି କି ମୁଁ ତୁମକୁ ଅଶୃଙ୍ଗାରିତ ଅବସ୍ଥାରେ ଦେଖୁଛି । ମୁଁ ଭାବୁଛି ତୁମେ ବୋଧେ ନିକାହ୍ କରିବାକୁ ବାହାରିଛ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯେପର୍ଯ୍ୟନ୍ତ ୪ ମାସ ୧୦ ଦିନ ପୂରି ଯାଇ ନାହିଁ ସେପର୍ଯ୍ୟନ୍ତ ତୁମେ ନିକାହ୍ କରିପାରିବ ନାହିଁ। ସବିଇ କୁହନ୍ତି, ଯେତେବେଳେ ସେହି ବ୍ୟକ୍ତି ମୋତେ ଏପରି କଥା କହିଲା ସେତେବେଳେ ମୁଁ ସନ୍ଧ୍ୟା ସମୟରେ ବସ୍ତ୍ର ପିନ୍ଧିଲି ଓ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲି ଏବଂ ଆପଣ ସ.ଅଙ୍କୁ ଏ ବାବଦରେ ବା ସଂକ୍ରାନ୍ତରେ ପଚାରିଲି । ଆପଣ ସ.ଅ ଏହି ଫତ୍‌ୱା (ଧର୍ମାଜ୍ଞା) ଦେଲେ ଯେ, ଯେତେବେଳେ ପ୍ରସବ ହୋଇଗଲା ସେତେବେଳ ଠାରୁ ମୁଁ ପବିତ୍ର ତଥା ବୈଧ ଓ ଅଶୁଚ ହୋଇଯାଇଛି ଏବଂ ମୋତେ ଏହା କୁହାଗଲା ଯେ, ଯଦି ମୁଁ ବିବାହ କରିବାକୁ ଇଚ୍ଛୁକ ତେବେ ମୁଁ ବିବାହ କରିପାରିବି । **(ସହି ମୁସ୍‌ଲିମ୍ କିତାବୁତ୍ ତଲାକ୍, ବାବ୍ ଇନ୍‌କଜା ଇଦ୍‌ଦତୁଲ୍ ମୁତଓଫ୍ଫି ଅନ୍‌ହା.............., ହଦିସ୍ ନଂ-3722)(ଅଲ୍ ଇସ୍ତିଆବ୍, ଭାଗ-4, ପୃ-1859, ପ୍ରକାଶନ ସ୍ଥାନ- ଦାରୁଲ୍ ଜିଲ୍ ବୈରୁତ୍-1992 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ଉକ୍ତ ଘଟଣାରୁ କେତେକ ଧାର୍ମିକ ସମସ୍ୟା ସଂପର୍କରେ ଆମମାନଙ୍କୁ ସୂଚନା ମିଳିଥାଏ ବା ଜ୍ଞାତ ହୁଏ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ଅବୁ ଲହୈସମ୍ ବିନ୍ ଅତ୍‌ତହିୟାନ୍ ର.ଅ। ତାଙ୍କର ଭାଇଙ୍କ ନାମ ହ. ଅବିଦ୍ ବିନ୍ ଉବୈଦ୍ ଅବା ହ. ଅତିକ୍ ବିନ୍ ଅତ୍‌ତହିୟାନ୍ ଥିଲା । ହ. ଅବୁ ଲହୈସମ୍ ବିନ୍ ଅତ୍‌ତହିୟାନ୍ ର.ଅ ୱହୋଦ୍ ଯୁଦ୍ଧରେ ଶହୀଦ୍ ହୋଇଥିଲେ । **(ଅତ୍ ତବକାତୁଲ୍ କୁବ୍ରା, ଭାଗ-3, ପୃ-343, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1990 ମସିହା)**

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସେ ଅର୍ଥାତ ହ. ଅବୁ ଲହୈସମ୍ ବିନ୍ ଅତ୍‌ତହିୟାନ୍ ର.ଅ ଆଁହରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ମୁଁ ହେଉଛି ସର୍ବପ୍ରଥମ ବୈଅତ୍‌କାରୀ ବ୍ୟକ୍ତି । ତେଣୁ ମୁଁ ଜାଣି ନାହିଁ ଯେ, କିପରି ମୁଁ ବୈଅତ୍ କରିବି ? ଆପଣ ସ.ଅ କହିଲେ, ତୁମେ ମୋ ହସ୍ତ ଉପରେ ଉକ୍ତ କଥାର ପୁନରାବୃତ୍ତି କରି ବୈଅତ୍ କର ଯେପରି ବନି ଇସ୍ରାଇଲ୍‌ର ଲୋକମାନେ ହ. ମୁସା ଅ.ସଙ୍କ ହସ୍ତରେ ବୈଅତ୍ କରିଥିଲେ । **(ମାଆରିଫତୁସ୍ ସାହାବା ଲଅବି ନଇମ୍, ଭାଗ- 4, ପୃ-196, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍)**

ରସୁଲୁଲ୍ଲାଃ ସ.ଅ ହ. ଅବୁ ଲହୈସମ୍ ଓ ହ. ଉସୈଦ୍ ବିନ୍ ହୁଜୈର୍‌ଙ୍କୁ ବନି ଅବ୍‌ଦୁଲ୍ ଅଶ୍‌ଅଲ୍ ସଂପ୍ରଦାୟ ଉପରେ ନକିବ୍ (ପ୍ରତିହାରୀ ବା ଦ୍ୱାରପାଳ /ଧାବକ) ଭାବରେ ନିଯୁକ୍ତ କରିଥିଲେ । **(ଅଲ୍‌ଇସାବା ଫି ତମିଜିସ୍ ସାହାବା, ଭାଗ-7, ପୃ-**

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

**365, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲମିୟା, ବୈରୁତ୍-1995 ମସିହା)**

ଅବୁ ଲହୈସମ୍ ର.ଅ ଯୁଦ୍ଧରେ ଦୁଇଟି ଖଡ୍‌ଗ ଓହଳାଇ ବୁଲୁଥିଲେ । ତେଣୁ ତାଙ୍କୁ ଜୁସ୍‌ସୈଫୈନ୍ ମଧ୍ୟ କୁହାଯାଉଥିଲା । ସେ ସଫିନ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । **(ଅଲ୍ ଇସ୍ତିଆବ୍, ଭାଗ-2, ପୃ-477, ଦାରୁଲ୍ ଜିଲ୍, ବୈରୁତ୍-1992 ମସିହା)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ସିଫୈନ୍ ଯୁଦ୍ଧ ରେ ହ. ଅବୁ ଲହୈସମ୍ ବିନ୍ ଅତ୍‌ତହିୟାନ୍ ର.ଅ ହ. ଅଲୀ ର.ଅଙ୍କ ପଟୁ ଯୁଦ୍ଧ ଲଢ଼ି ବୀରଗତି ପ୍ରାପ୍ତ କରିଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-230)**

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି, ହ. ଆସିମ୍ ବିନ୍ ସାବିତ୍ ର.ଅ । ହ. ଆସିମ୍ ର.ଅଙ୍କ ଏକ ପୁତ୍ର ଥିଲେ ଯାହାଙ୍କ ନାମ ମୁହମ୍ମଦ ଥିଲା। ତାଙ୍କ ମାତାଙ୍କ ନାମ ହିନ୍ଦ ବିନ୍ତ୍ ମାଲିକ ଥିଲା । ହିନ୍ଦଙ୍କ ଗର୍ଭରୁ ସେ ଜନ୍ମ ଗ୍ରହଣ କରିଥିଲେ । **(ଅତ୍‌ବକାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-352, ଆସିମ୍ ବିନ୍ ସାବିତ୍ ର.ଅ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-1990 ମସିହା)**

ଇମାମ୍ ଜାହିରି ଉଲ୍ଲେଖ କରିଛନ୍ତି ଯେ, ଓହୋଦ୍ ଯୁଦ୍ଧରେ ଯେଉଁ ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଥିଲେ ସେମାନଙ୍କ ସଂପର୍କରେ ଏକ ଆୟତର ବ୍ୟାଖ୍ୟାରେ ହ. ଖଲିଫତୁଲ୍ ମସିହ୍ ରାବେ (ଜମାଅତ୍ ଅହେମଦିୟାର ଚତୁର୍ଥ ଖଲିଫା) ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ, ହ. ଇମାମ୍ ଜାହିରି ୧୪ ଜଣ ବ୍ୟକ୍ତିଙ୍କ ସଂପର୍କରେ ସ୍ପଷ୍ଟ ସାକ୍ଷ୍ୟ ଉପସ୍ଥାପିତ କରନ୍ତି ଯେ, ନାମର କ୍ରମିକ ପର୍ଯ୍ୟାରେ ସେମାନେ ଉପସ୍ଥିତ ଥିଲେ ଏବଂ ସେମାନେ କୌଣସି ପରିସ୍ଥିତିରେ ମଧ୍ୟ ଆଁହଜରତ ସ.ଅଙ୍କୁ ନିଃସଙ୍ଗ ଛାଡ଼ିଲେ ନାହିଁ । ସେହି ସୁରକ୍ଷାକାରୀ ଯୋଦ୍ଧାମାନଙ୍କର ଯେଉଁ ନାମ ଉଲ୍ଲେଖ ରହିଛି ତନ୍ମଧ୍ୟରେ ପ୍ରବାସକାରୀଙ୍କ ମଧ୍ୟରୁ ହ. ଅବୁ ବକର ର.ଅ, ହ. ଅଲୀ ର.ଅ (ଶିୟା ସଂପ୍ରଦାୟର ଲୋକମାନେ କୁହନ୍ତି) ଯେ, ଆଁହଜରତ ସ.ଅଙ୍କ ସୁରକ୍ଷାକାରୀ କେବଳ ହ. ଅଲୀ ର.ଅ ଥିଲେ),ହ. ଅବଦୁର୍ ରହେମାନ୍ ବିନ୍ ଔଫ୍, ହ. ସାଆଦ୍ ବିନ୍ ଅବି ୱକ୍କାସ, ହ. ତଲହା ବିନ୍ ଉବୈଦୁଲ୍ଲାଃ, ହ. ଅବୁ ଉବୈଦାହ୍ ବିନ୍ ଅଲ୍ ଜର୍ରାହ୍ ଓ ହ. ଜୁବୈର ବିନ୍ ଅୱାମ୍ ଆଦି ସାହାବାମାନେ ସାମିଲ୍ ଥିଲେ। ଅନ୍‌ସାରମାନଙ୍କ ମଧ୍ୟରୁ ଖୁବ୍‌ବାବ୍ ବିନ୍ ମୁନ୍‌ଜର୍ ର.ଅ, ହ. ଅବୁ ଦୁଜାନା ର.ଅ, ହ. ଆସିମ୍ ବିନ୍ ସାବିତ୍ ର.ଅ, ହ. ହାରିସ୍ ବିନ୍ ସମା ର.ଅ ଅନ୍ୟତମ ଅଟନ୍ତି । ସମ୍ଭବତଃ ହ. ସହଲ୍ ବିନ୍ ହୁନୈଫ୍, ଉସୈଦ୍ ବିନ୍ ହୁଜୈର୍ ର.ଅ ଓ ହ. ସାଆଦ୍ ବିନ୍ ମୁଆଜ୍ ଆଦି ପ୍ରମୁଖ ସାହାବାମାନେ ମଧ୍ୟ ଅନ୍ୟତମ ଅଟନ୍ତି । ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସେହି ୮ ଜଣ ସାହାବାମାନେ ଏପରି ସାହାବା ଥିଲେ ଯେଉଁମାନେ ମୃତ୍ୟୁର ଶପଥ ନେଇଥିଲେ ଏବଂ ପ୍ରବାସକାରୀଙ୍କ ମଧ୍ୟରୁ ୩ ଜଣ ସାହାବାମାନେ ଥିଲେ ଓ ଅନ୍‌ସାରମାନଙ୍କ ମଧ୍ୟରୁ ୫ ଜଣ ସାହାବା ଥିଲେ। ଉକ୍ତ ଘଟଣାଟି ଅତ୍ୟନ୍ତ ଆଶ୍ଚର୍ଯ୍ୟକର ଓ ଚାଞ୍ଚଲ୍ୟକର ଘଟଣା ଯେ, ସେହି ସାହାବାମାନଙ୍କ ମଧ୍ୟରୁ ଜଣେ ହେଲେ ବୀରଗତି ପ୍ରାପ୍ତ କଲେ ନାହିଁ । ଏହା ଅଲ୍ଲାଃତାଲାଙ୍କ ପକ୍ଷରୁ ସେହି ସାହାବାମାନଙ୍କ ପ୍ରତି ଅସାଧାରଣ ସୁରକ୍ଷାର ଦୃଶ୍ୟ ଥିଲା । **(ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ପ୍ରଦତ୍ତ ଦରସ୍, 20 ଫେବୃୟାରୀ 1994 ମସିହାରୁ ଆନୀତ ଏବଂ ଆୟତ୍** انما استزلهم الشيطان **ଆୟତ୍ ଅନୁଯାୟୀ)**

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ସହଲ୍ ବିନ୍ ହୁନୈଫ୍ ଅନ୍‌ସାରୀ ର.ଅ । ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି, ବଦର୍ ଯୁଦ୍ଧ ଅବସରରେ ନବୀ କରୀମ୍ ସ.ଅଙ୍କ ସାଥିରେ ଶହେ ଓଟ ଏବଂ ଦୁଇ ଶହ ଅଶ୍ୱ ଥିଲେ । ତନ୍ମଧ୍ୟରୁ ଗୋଟିଏ ଓଟ ଉପରେ ହ. ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍ ଆରୋହଣ ହୋଇଥିଲା ବେଳେ ଅନ୍ୟ ଓଟ ଉପରେ ହ. ମସ୍‌ଅବ୍ ବିନ୍ ଉମୈର୍ ଓ ହ. ସହଲ୍ ବିନ୍ ହୁନୈଫ୍ ଆଦି ସାହାବାମାନେ ଆରୋହଣ ହୋଇଥିଲେ । ଆଁହଜରତ ସ.ଅଙ୍କ ସାହାବାମାନେ ବାଟରେ ପାଳି କରି ସେହି ଓଟମାନଙ୍କ ଉପରେ ଆରୋହଣ ହେଉଥିଲେ । ରସୁଲୁଲ୍ଲାଃ ସ.ଅ ହ. ଅଲୀ ଓ ହ. ମୁର୍ସଦ୍ ବିନ୍ ଅବି ମୁର୍ସଦ୍ ଗୁନୁୱୀଙ୍କର ମିତ୍ର ଥିଲେ । ଏହି ସମସ୍ତ ସାହାବାମାନେ ପାଳି କରି ଓଟ ଉପରେ ଆରୋହଣ ହେଉଥିଲେ । **(ମୁଉଜିମୁଲ୍ ଅଉସତା ଲିତ୍ ତିବ୍ରାନୀ, ଭାଗ-5, ପୃ-324, ହଦିସ୍ ନଂ-5438, ଦାରୁଲ୍ ହରମୈନ୍, ବୈରୁତ୍-1995 ମସିହା)**

ଓହୋଦ୍ ଯୁଦ୍ଧରେ ଆଁହଜରତ ସ.ଅଙ୍କ ପାଖରେ ବିଦ୍ୟମାନ ରହିଥିବାର ସାହାବାମାନଙ୍କ ମଧ୍ୟରୁ ହ. ସହଲ୍ ବିନ୍ ହୁନୈଫ୍ ର.ଅଙ୍କର ନାମର ଉଲ୍ଲେଖ ମଧ୍ୟ ରହିଛି । ୟସିର୍ ବିନ୍ ଉମ୍ରୋ ବର୍ଣ୍ଣନା କରନ୍ତି ଯେ, ଏକଦା ହ. ସହଲ୍ ବିନ୍ ହୁନୈଫ୍‌ଙ୍କ ସେବାରେ ମୁଁ ଉପସ୍ଥିତ ହେଲି ଏବଂ ତାଙ୍କୁ କହିଲି ଯେ, ହେ ହୁନୈଫ୍! ଆପଣ ମୋତେ ଏପରି ଏକ ହଦିସ୍ ଶୁଣାନ୍ତୁ ଯାହା ହୁରୁରିୟା ଗୋଷ୍ଠୀ ଅର୍ଥାତ ଖାରଜି ସଂପ୍ରଦାୟ ସଂକ୍ରାନ୍ତରେ ଆପଣ ଆଁହଜରତ ସ.ଅଙ୍କ ଠାର ଶୁଣିଥିବେ । ସେ କହିଲେ, ମୁଁ ତୁମକୁ କେବଳ ସେତିକି କଥା କହିବି ଯେତିକି ମୁଁ ଆଁହଜରତ ସ.ଅଙ୍କ ଠାରୁ ଶୁଣିଛି । ଏହାଠୁ ଅଧିକ ମୁଁ କିଛି କହି ପାରିବି ନାହିଁ । ମୁଁ ଆଁହଜରତ ସ.ଅଙ୍କୁ ଏକ ସଂପ୍ରଦାୟ ସଂପର୍କରେ ଚର୍ଚ୍ଚା କରୁଥିବାର ଶୁଣିଛି ଯେକି ଏହିଠାରୁ ଉଦ୍ଭବ ହେବ । ସେ ଇରାକ୍ ଦେଶ ଆଡ଼କୁ ଇଙ୍ଗିତ କଲେ । ସେହି ଲୋକମାନ (ଖାରଜି ସଂପ୍ରଦାୟର ଲୋକମାନେ) ପବିତ୍ର କୁରଆନ୍ କରୀମ ତ' ପଢୁଥିବେ, କିନ୍ତୁ ତାହା ସେମାନଙ୍କ ତଣ୍ଟିରୁ ତଳକୁ ଖସୁ ନଥିବ (ଅର୍ଥାତ ସେମାନେ ଏହାକୁ ହଜମ୍ କରିପାରୁ ନଥିବେ ବା ସେମାନଙ୍କୁ ଏହା ଭଲ ଲାଗୁ ନଥିବ) ସେମାନେ ଧର୍ମରୁ ଏହିପରି ବାହାରିଯିବେ ଯେପରି ତୀର ଧନୁରୁ ବାହାରି ଯାଇଥାଏ । ବର୍ଣ୍ଣନାକାରୀ (ୟସିର୍ ବିନ୍ ଉମ୍ରୋ) କୁହନ୍ତି, ମୁଁ ତାଙ୍କୁ (ସହଲ୍ ବିନ୍ ହୁନୈଫ୍‌ଙ୍କୁ) ପଚାରିଲି ଯେ, ହେ ସହଲ୍ ବିନ୍ ହୁନୈଫ୍ ! କ'ଣ ଆଁହଜରତ ସ.ଅ ସେହି ସଂପ୍ରଦାୟ ଅବା ସେହି ଗୋଷ୍ଠୀ ସଂପର୍କରେ କୌଣସି ଲକ୍ଷଣର ଚର୍ଚ୍ଚା କରିଛନ୍ତି କି? ତେବେ ପ୍ରତ୍ୟୁତ୍ତରରେ ସେ କହିଲେ, ବସ୍ ୟସିର୍ ! ମୁଁ ଯାହା ଶୁଣିଥିଲି ତାହା ମୁଁ ତୁମ ଆଗରେ ପ୍ରକାଶ କରି ଦେଇଛି । ଏହାଠୁ ବେଶୀ ଆଉ ମୁଁ ତୁମକୁ କିଛି କହିପାରିବି ନାହିଁ । ଅର୍ଥତା ଯାହା ଶୁଣିଥିଲି ତାହା ବର୍ଣ୍ଣନା କରିଦେଲି । ବର୍ତ୍ତମାନ ତୁମେ ସ୍ୱୟଂ କଳନା କରିନିଅ । **(ମୁସ୍‌ନଦ୍ ଅହେମଦ୍, ଭାଗ-25, ପୃ-351, ହଦିସ୍- ସହଲ୍ ବିନ୍ ହୁନୈଫ୍, ବର୍ଣ୍ଣନା ସଂଖ୍ୟା-15977, ମୁଓସ୍‌ସତୁର୍ ରିସାଲତୁ ବୈରୁତ୍)**

ହ. ଉମୈର୍ ବିନ୍ ସଇଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅଲୀ ର.ଅ ହ. ସହଲ୍ ବିନ୍ ହୁନୈଫ୍ ର.ଅଙ୍କ ନମାଜ୍ ଯନାଜାଃରେ ୫ଟି ତକ୍‌ବିର୍ ପଢ଼ିଥିଲେ । ଫଳତଃ ଲୋକମାନେ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କଲେ । ଏ କେଉଁ ପ୍ରକାର ତକ୍‌ବିର୍ ଯହିଁରେ ୫ଟି ତକବିର୍ ରହିଛି ? ସୁତରାଂ ହ. ଅଲୀ ର.ଅ କହିଲେ, ଏ ହେଉଛନ୍ତି ସହଲ୍ ବିନ୍ ହୁନୈଫ୍ ର.ଅ ଯେକି ବଦର୍‌ବାସୀଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଏବଂ ବଦର୍‌ବାସୀଙ୍କୁ ଅଣବଦର୍‌ବାସୀଙ୍କ ଉପରେ ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇଅଛି । ତେଣୁ ମୁଁ ଏହା ଇଚ୍ଛା ପ୍ରକାଶ କଲି ଯେ, ମୁଁ ତୁମମାନଙ୍କୁ ତାଙ୍କର ମାହାତ୍ମ୍ୟ ସଂପର୍କରେ ସ୍ପଷ୍ଟ କରିଦେଇ ୫ଟି ଅତିରିକ୍ତ ତକବିର୍ ପଢ଼ିଛି । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-3, ପୃ-360, ୱମିନ୍ ବନି ହିନ୍‌ଶା ବିନ୍ ଅଉଫ୍....... ସହଲ୍ ବିନ୍ ହୁନୈଫ୍, ଦାରୁଲ୍ କୁତୁବୁଲ୍ ଇଲମିୟା, ବୈରୁତ୍-1990 ମସିହା)**

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ଜବ୍‌ବାର୍ ବିନ୍ ସଖର୍ ର.ଅ । ରସୁଲୁଲ୍ଲାଃ ସ.ଅ ହ. ଅଲୀ ର.ଅଙ୍କୁ ୧୫୦ ସାହାବାମାନଙ୍କ ସମେତ ବନୁ ତୈ ସଂପ୍ରଦାୟର ଫୁଲସ୍ ପ୍ରତିମାକୁ ଭାଙ୍ଗିବା ନିମନ୍ତେ ପ୍ରେରଣ କଲେ । ଏହି ସରିୟା ରବିଉଲ୍ ଅୱଲ୍ ଆଖିର୍ ମାସ ୯ମ ହିଜରୀ ବର୍ଷରେ ହୋଇଥିଲା। ବନୁ ତୈ ସଂପ୍ରଦାୟର ଅଞ୍ଚଳ ମଦିନାର ଉତ୍ତର ଦିଗରେ ଅବସ୍ଥିତ ଥିଲା । ତତ୍‌ସଂକ୍ରାନ୍ତରେ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ଆପଣ ସ.ଅ ହ. ଅଲୀ ର.ଅଙ୍କୁ କଳା ରଙ୍ଗର ବିଶାଳ ଧ୍ୱଜା ଓ ଧବଳ ବର୍ଣ୍ଣର ଛୋଟିଆ ଧ୍ୱଜା ପ୍ରଦାନ କରିଥିଲେ । ହ. ଅଲୀ ର.ଅ ପ୍ରାତଃ (ପ୍ରତ୍ୟହ) ସମୟରେ ହାତିମ୍‌ବାସୀଙ୍କ ଉପରେ ଆକ୍ରମଣ କଲେ ଏବଂ ସେମାନଙ୍କର ଫୁଲସ୍ ନାମକ ପ୍ରତିମାକୁ ଭାଙ୍ଗି ଚୁରମାର କରିଦେଲେ। ହ. ଅଲୀ ର.ଅ ବନୁ ତୈ ସଂପ୍ରଦାୟ ଠାରୁ ବିପୁଳ ପରିମାଣରେ ମାଲେ ଗନିମତ୍ ଓ ବନ୍ଦୀମାନଙ୍କୁ ଧରି ମଦିନା ଫେରି ଆସିଲେ । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-124, ସରିୟା ଅଲୀ ବିନ୍ ତାଲିବ୍ ଇଲଲ୍ ଫଲ୍‌ସି ସନମ ତୈଇ ଲିୟୁହଦିମହୁ, ଦାରୁଲ୍ କୁତୁବୁଲ୍ ଇଲମିୟା, ବୈରୁତ୍, 1990 ମସିହା) (ମୌସୁଅତୁ କଶାଫ୍ ଇସ୍ତିଲାହତୁଲ୍ ଫୁନୁନି ୱଲ୍ ଉଲୁମି, ଭାଗ-1, ପୃ-19, ମକ୍‌ତବା ଲେବ୍‌ନାନ୍, ପ୍ରକାଶକ-ବୈରୁତ୍, ମକ୍‌ତବତୁସ୍ ଶାମିଲାହ୍)**

ଉକ୍ତ ସରିୟାରେ ମୁସଲମାନମାନଙ୍କର ଧ୍ୱଜା ହ. ଜବ୍‌ବାର ବିନ୍ ସଖର୍ ର.ଅଙ୍କ ନିକଟରେ ରହିଥିଲା । ଉକ୍ତ ସରିୟା ସଂକ୍ରାନ୍ତରେ ହ. ଅଲୀ ର.ଅ ଯେତେବେଳେ ନିଜ ସାଥୀମାନଙ୍କ ଠାରୁ ରାୟ ମାଗିଲେ ବା ପରାମର୍ଶ ଲୋଡ଼ିଲେ ସେତେବେଳେ ହ. ଜବ୍‌ବାର୍ ବିନ୍ ସଖର୍ ର.ଅ କହିଲେ, ଆମେମାନେ ରାତ୍ର ସମୟରେ ନିଜର ଓଟ ଓ ଅଶ୍ୱମାନଙ୍କ ଉପରେ ରାତ୍ରୀ ଯାପନ କଲୁ ଏବଂ ସକାଳ ହେବା କ୍ଷଣି ସେମାନଙ୍କ ଉପରେ ଆମେମାନେ ସହସା ଆକ୍ରମଣ କରିଦେଲୁ । ହ. ଅଲୀ ର.ଅଙ୍କୁ ହ. ଜବ୍‌ବାର୍ ର.ଅଙ୍କର ଏହି କଥା ବହୁତ ପସନ୍ଦ ଆସିଲା । **(ତାରିଖ୍ ଦମିଶକ୍ ଅଲ୍ କବିର, ଭାଗ-73, ପୃ-146, ସଫାନା ବିନ୍ତ୍ ହାତିମ୍‌ତ୍ ତାଇୟାହ୍, ଦାରୁଲ୍ ଅହ୍‌ୟାଉତ୍ ତୁରାସୁଲ୍ ଅରବି, ବୈରୁତ୍, 2001 ମସିହା) (ଇମ୍‌ତାଅଲ୍ ଇସ୍‌ମାଅ, ଭାଗ-2, ପୃ-45-46, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-1999 ମସିହା)**

ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କର ବାମ ପାର୍ଶ୍ୱରେ ଛିଡ଼ା ହୋଇଥିଲି ଆଁହଜରତ ସ.ଅ ମୋତେ ଧରି ଡାହାଣ ପାର୍ଶ୍ୱରେ ଛିଡ଼ା କରିଦେଲେ । ପୁନଶ୍ଚ ଜବ୍‌ବାର୍ ବିନ୍ ସଖର୍ ଆସିଲେ, ଆଁହଜରତ ସ.ଅ ଆମ ଦୁହିଁଙ୍କୁ ଧରି ନିଜ ପଛରେ ଛିଡ଼ା କରିଦେଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉମୈର୍ ବିନ୍ ଅବି ୱକ୍କାସ୍‌ଙ୍କୁ ଉମ୍ରୋ

ବିନ୍ ଅବ୍ଦେ ଓଦ୍ ଶହୀଦ୍ କରିଥିଲା । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ଉମୈର୍ ବିନ୍ ଅବି ୱକ୍କାସ୍‌ଙ୍କୁ ଅହସନ୍ ବିନ୍ ସଇଦ୍ ଶହୀଦ୍ କିରଥିଲା । (ଅଲ୍ ଇସ୍ତିଆବ୍ ଫି ମଆରିଫତୁଲ୍ ଅସହାବି, ଭାଗ-2, ପୃ-302, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2010 ମସିହା)

ପରବର୍ତ୍ତୀ ସାହାବି ହେଉଛନ୍ତି ହ. ଉମୈର୍ ବିନ୍ ଅବି ୱକ୍କାସ୍ ର.ଅ । ତାଙ୍କ ସଂକ୍ରାନ୍ତରେ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ତାଙ୍କୁ ଉମ୍ରୋ ବିନ୍ ଅବ୍ଦେ ଓଦ୍ ଶହୀଦ୍ କରିଥିଲା ଓ ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉମୈର୍ ବିନ୍ ଅବି ୱକ୍କାସ୍‌ଙ୍କୁ ଅହସନ୍ ବିନ୍ ସଇଦ୍ ଶହୀଦ୍ କରିଥିଲା । **(ଅତ୍ ତବ୍‌କାତୁଲ୍ କୁବ୍ରା, ଭାଗ-3, ପୃ-110-111, ଦାରୁଲ୍ କୁତୁବୁଲ୍ ଇଲମିୟାହ୍-1990 ମସିହା)** ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉମୈର୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ ଆସ୍ ବିନ୍ ସଇଦ୍ ର.ଅ ଶହୀଦ୍ କରିଥିଲା । **(ଅଲ୍ ବଦାୟାହ୍ ୱନ୍ ନହାୟା, ଭାଗ-5, ପୃ-252, ପ୍ରକାଶନ ସ୍ଥାନ-ଦାରେ ହିଜର୍, ବୈରୁତ୍-1997)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ହଁ ଉପରୋକ୍ତ ଯେଉଁ ସାହାବିଙ୍କର ଚର୍ଚ୍ଚା ସରିଲା ସେ ହେଉଛନ୍ତି ହ. ଉମୈର୍ ବିନ୍ ଅବି ୱକ୍କାସ ର.ଅ । ହ. ସଖର ର.ଅଙ୍କ ଚର୍ଚ୍ଚା ତ' ଚର୍ଚ୍ଚା ହୋଇଯାଇଥିଲା । ତାଙ୍କ ସଂକ୍ରାନ୍ତରେ ଯେଉଁ ବର୍ଣ୍ଣନା ରହିଯାଇଥିଲା ତା'ଙ୍କୁ ଅମ୍ର ବିନ୍ ଅବ୍ଦେ ଓଦ ଶହୀଦ୍ କରିଥିଲା ଓ ଅନ୍ୟ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉମୈର୍ ବିନ୍ ଅବି ୱକ୍କାସ ର.ଅଙ୍କୁ ଆସି ବିନ୍ ସଇଦ୍ ଶହୀଦ୍ କରିଥିଲା।

ହୁଜୁର ଅନ୍‌ୱର୍ ଅ.ବ କହିଲେ ପରବର୍ତ୍ତୀ ସାହାବି ହେଉଛନ୍ତି ହ. କୁତ୍‌ବା ର.ଅ। ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ସଫର୍ ମାସ ୯ ହିଜ୍‌ରୀରେ ରସୁଲୁଲ୍ଲାଃ ସଅ ହ. କତ୍‌ବାଙ୍କୁ ୨୦ଜଣ ଲୋକଙ୍କ ସମେତ ଖସମ୍ ସଂପ୍ରଦାୟର ଏକ ଶାଖା ଆଡ଼କୁ ପ୍ରେରଣ କିରଥିଲେ ଯାହା ତବାଲା ଆଖପାଖରେ ବାସ କରୁଥିଲେ। ଆଁହଜରତ ସ.ଅ ସେମାନଙ୍କୁ ଅର୍ଥାତ ସାହାବାମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ସେହି ସଂପ୍ରଦାୟ ଉପରେ ସହସା ଆକ୍ରମଣ କରନ୍ତୁ । ଏହି ସାହାବାମାନେ ୧୦ଟି ଓଟ ଉପରେ ଆରୋହଣ ହେଲେ ଏବଂ ସେମାନେ ଓଟ ଉପରେ ପାଳି ହୋଇ ଆରୋହଣ ହେଉଥିଲେ ଓ ଓଟକୁ ବ୍ୟବହାର କରୁଥିଲେ। ସେମାନେ ଯେତେବେଳେ ଜଣେ ବ୍ୟକ୍ତିକୁ ଧରି ପଚରା ଉଚରା କରିବାକୁ ଲାଗିଲେ ସେତେବେଳେ ସଂପୃକ୍ତ ବ୍ୟକ୍ତି ଜଣକ ସାହାବାମାନଙ୍କ ସମ୍ମୁଖରେ ମୂକ ପାଲଟିଗଲା ଏବଂ ସୁଯୋଗ ଦେଖି ନିଜ ସଂପ୍ରଦାୟର ଲୋକମାନଙ୍କୁ ଚିତ୍କାର କରି ସେମାନଙ୍କୁ ସଚେତନ କରିବାକୁ ଲାଗିଲା । ଫଳତଃ ସାହାବାମାନେ ଉକ୍ତ ବ୍ୟକ୍ତିକୁ ଧରି ତା'ର ସଂହାର ବା ବଧ କରିଦେଲେ । ପୁନଶ୍ଚ କତ୍‌ବା ଓ ତାଙ୍କର ସାଥିମାନେ ଅପେକ୍ଷା କଲେ । ଯେତେବେଳେ ଖସମ୍ ସଂପ୍ରଦାୟର ଲୋକମାନେ ଶୋଇ ପଡ଼ିଲେ ସେତେବେଳେ ସେମାନଙ୍କ ଉପରେ ସହସା ଓ ଅତର୍କିତ ଆକ୍ରମଣ କରିଦେଲେ । ଉଭୟ ପକ୍ଷ ମଧ୍ୟରେ ଘମାଘୋଡ଼ ଯୁଦ୍ଧ ହେଲା ଏବଂ ଅନେକ ଲୋକମାନେ ମୃତାହତ ହେଲେ। ହ. କତ୍‌ବା ଅନେକ ଲୋକମାନଙ୍କର ସଂହାର କଲେ । ପୁନଶ୍ଚ ଯେଉଁ ଛେଳୀ ମେଣ୍ଢା ଓ ମହିଳାମାନେ ରିହଥିଲେ ସେମାନଙ୍କୁ ସାଥିରେ ଧରି ନେଇ ଆସିଲେ । ପଞ୍ଚମାଂଶ ବାହାର କରିଦେବା ପରେ ପ୍ରତ୍ୟେକ ବ୍ୟକ୍ତି ଭାଗରେ ୪ଟି ଲେଖାଁଏ ଓଟ ମିଳିଲା । ସେତେବେଳେ ଗୋଟିଏ ଓଟ ୧୦ଟି ଛେଳୀ ସଦୃଶ ଥିଲା । **(ଅତ୍ ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-122-123, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟା ବୈରୁତ୍-1990 ମସିହା)**

ଇମାମ୍ ବଗୱୀ କୁହନ୍ତି, ହ. ଉକ୍‌ବା ବିନ୍ ଆମିର୍ ର.ଅଙ୍କ ଠାରୁ କୌଣସି ହଦିସ୍ ବର୍ଣ୍ଣିତ ହୋଇ ନାହିଁ । **(ମୁଅଜିମୁସ୍ ସାହାବା, ଲିଲ୍ ବୁଗ୍‌ୱୀ, ଭାଗ-5, ପୃ-66, ମକ୍‌ତବା ଦାରୁଲ୍ ବୟାନ୍, କୁୱୈତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସାହାବାମାନଙ୍କର ଯେଉଁ ଜୀବନୀ ଚର୍ଚ୍ଚା ଚାଲିଥିଲା ଆଜି ତାହା ସମାପ୍ତ ହେଲା । ତତ୍‌ସହିତ ପ୍ରଥମତଃ ମୁଁ ପାକିସ୍ତାନ୍‌ର ଅହେମଦିମାନଙ୍କ ନିମନ୍ତେ ବିଶେଷ ରୂପେ ଦୁଆ କରିବା ପାଇଁ ଆହ୍ୱାନ ଜଣାଉଛି । ଆପଣମାନେ ଦୁଆ କରନ୍ତୁ କି ଅଲ୍ଲାଃତାଲା ସେମାନଙ୍କର ଯେଉଁ ସମସ୍ୟା ରହିଛି ଏବଂ ଯେଉଁ ବିଷମ ପରିସ୍ଥିତି ଦେଇ ସେମାନେ ଗତି କରୁଛନ୍ତି ଅଲ୍ଲାଃତାଲା ସେଠାରେ ସହଜତା ସୃଷ୍ଟି କରି ଦିଅନ୍ତୁ ଏବଂ ନ୍ୟାୟକାରୀଙ୍କୁ, ଆଇନ୍ ପ୍ରଣୟନକାରୀଙ୍କୁ, ଭଗବାନ ଓ ତାହାଙ୍କ ବାର୍ତ୍ତାବହ ନାମରେ ଯେଉଁ ଅନ୍ୟାୟୀ ବ୍ୟକ୍ତି ସାଧାରଣ ଜନତାଙ୍କ ଉପରେ ଅତ୍ୟାଚାର କରୁଛନ୍ତି ତଥା ନିର୍ଯାତନା ଦେଉଛନ୍ତି ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଅବା ସେମାନଙ୍କୁ ଉଚିତ୍ ଶାସ୍ତି ଦିଅନ୍ତୁ ।

**ଦ୍ୱିତୀୟତଃ** ବୁର୍କିନାଫାସୋର ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରିବାକୁ ଆହ୍ୱାନ ଜଣାଉଛି । ଆପଣମାନେ ଦୁଆ କରନ୍ତୁ ଯେ, ସେଠାକାର ବର୍ତ୍ତମାନ ଯେଉଁ ବିଷମ ତଥା ଉତ୍କଟ ପରିସ୍ଥିତି ରହିଛି ଏବଂ ଯେଉଁ ଆତଙ୍କବାଦୀମାନେ ରହିଛନ୍ତି ସେମାନେ ଦୁର୍ବଳ ଓ ସରଳ ଅହେମଦିମାନଙ୍କ ପ୍ରତି ନିର୍ଦ୍ଦୟତାମୂଳକ ଓ କ୍ରୁରତାମୂଳକ ଆଚରଣ ପ୍ରଦର୍ଶନ କରୁଛନ୍ତି । ସେମାନେ ପ୍ରଭୁ ଓ ତାହାଙ୍କ ବର୍ତ୍ତାବହଙ୍କ ନାମରେ ନିରୀହ ଲୋକମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି ।

ପୁନଶ୍ଚ ଉପଦ୍ୱୀପରେ ବାସ କରୁଥିବା ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ସେଠାରେ ମଧ୍ୟ ସରକାରୀ ସ୍ତରରେ ପ୍ରଶାସନିକ ଅଧିକାରୀମାନେ ଅବା ଯେଉଁ ନ୍ୟାୟାଳୟମାନ ରହିଛି ସେମାନେ ଅହେମଦିମାନଙ୍କ ଉପରେ ଅକଥନୀୟ ଅନ୍ୟାୟ ଓ ଅତ୍ୟାଚାର ଜାରି ରଖିଛନ୍ତି । ଅଲ୍ଲାଃତାଲା ସମସ୍ତ ଅହେମଦିମାନଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ତେଣୁ ଆପଣମାନେ ବିଶେଷ କରି ଦୁଆ କରିବା ପ୍ରତି ଏବଂ ଦାନ ଦକ୍ଷିଣା ଦେବା ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ବିରୋଧୀ ଶତ୍ରୁର ପ୍ରତ୍ୟେକ ଉପଦ୍ରବ କ୍ଷୟକ୍ଷତି ଠାରୁ ସୁରକ୍ଷିତ ରଖନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜୁମା ନମାଜ ପରେ ମୁଁ କେତେକ ମୃତକମାନଙ୍କର ନମାଜ ଯନାଜାଃ ଗାଏବ୍ (ଅନୁପସ୍ଥିତ ଆନ୍ତ୍ୟେଷ୍ଟି କ୍ରିୟା) ପଢେଇବି । ବର୍ତ୍ତମାନ ସେହି ମୃତକମାନଙ୍କର ଚର୍ଚ୍ଚା କିରଦେଉଛି । ପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ରଶିଦ୍ ସାହେବ ଶହୀଦ୍‌ଙ୍କର । ସ୍ୱର୍ଗତ ଚୌଧୁରୀ ବଶାରତ୍ ଅହେମଦ ସାହେବ ପାକିସ୍ତାନର ଗୁଜୁରାଟ୍ ଜିଲ୍ଲା ଅନ୍ତର୍ଗତ ଘଡ଼ିୟାଲା ଅଞ୍ଚଳର ବରପୁତ୍ର ଥିଲେ । ଚଳିତ ମାସ ଫେବୃୟାରୀ ୧୯ ତାରିଖ ଦିନ ସ୍ୱର୍ଗତଙ୍କୁ ଦୁଇ ଜଣ ଦୁର୍ବୃତ୍ତମାନେ ଆସି ତାଙ୍କ ଘରେ ପଶି ଗୁଳି ଚଳାଇ ତାଙ୍କୁ ଶହୀଦ୍ କରିଦେଲେ । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍ ।** ଶାହାଦତ୍ ସମୟରେ ସ୍ୱର୍ଗତଙ୍କୁ ୭୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ ହୋଇଥିଲା । ପ୍ରାପ୍ତ ସୂଚନାନୁଯାୟୀ ସ୍ୱର୍ଗତ ରଶିଦ୍ ସାହେବ ନିଜର ବାସ ସ୍ଥାନ ଗୁଜୁରାଟ୍ ଜିଲ୍ଲା ଅନ୍ତର୍ଗତ ଘଡ଼ିୟାଲା ଠାରେ ଏକୁଟିଆ ରହୁଥିଲେ ଏବଂ ନିଜ ଅଞ୍ଚଳବାସୀଙ୍କ ସୁବିଧା ନିମନ୍ତେ ଏକ ନିଃଶୁଳ୍କ ହୋମିଓପାଥୀ ଡାକ୍ତରଖାନା ସ୍ଥାପନ କିରଥିଲେ । ଏହି ହୋମିଓପାଥୀ ଡାକ୍ତରଖାନାରୁ ଗ୍ରାମ ତଥା ଆଖପାଖ ଅଞ୍ଚଳର ଅନେକ ଲୋକମାନେ ଉପକୃତ ହେଉଥିଲେ । ଗାଁର ଦୁଇ ଜଣ ଯୁବକ ସ୍ୱର୍ଗତଙ୍କ ଠାରୁ ଔଷଧ ନେବା ବାହାନାରେ ସ୍ୱର୍ଗତଙ୍କ ଗୃହରେ ସ୍ଥାପିତ ଡିସ୍‌ପେନ୍‌ସାରୀରେ ପ୍ରବେଶ କଲେ ଏବଂ ଆଖିବୁଜା ଗୁଳି ଚଳାଇ ସେଠାରୁ ଫେରାର ହୋଇ ଯାଇଥିଲେ । ଘଟଣା ସ୍ଥଳରେ ହିଁ ସ୍ୱର୍ଗତ ବଶାରତ୍ ସାହେବ ବୀରଗତି ପ୍ରାପ୍ତ କରିଥିଲେ । ସୂଚନାନୁଯାୟୀ ଗୁଳି ଚାଳନାକାରୀଙ୍କ ମଧ୍ୟରୁ ଜଣେ ହାଫିଜେ କୁରଆନ୍ (ପବିତ୍ର କୁରଆନ୍ ମୁଖସ୍ତକାରୀ) ଥିଲା । ଦୁର୍ବୃତ୍ତମାନେ ସ୍ୱର୍ଗତଙ୍କ ମଥାରେ ଗୁଳି ମାରିଥିଲେ । ମଥାରେ ଗୁଳି ବାଜିବା ଫଳରେ ସ୍ୱର୍ଗତ ବଶାରତ୍ ଅହେମଦ ସାହେବ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଥିଲେ । ସ୍ୱର୍ଗତ ଶହୀଦଙ୍କ ଜଣେ କର୍ମଚାରୀ କିଛି ମିନିଟ ପରେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଘଟଣା ସଂପର୍କରେ ଜାଣିବ ପରେ ଥାନାରେ ମକଦମା ଦାଏର୍ କରାଯାଇଥିଲା(ମାମଲା ରୁଜ୍ଜୁ କରାଯାଇଥିଲା) । ପରେ ମହୋଦୟ କର୍ମଚାରୀ ଜଣକ କୁହନ୍ତି, ଦୁଇ ଦୁର୍ବୃତ୍ତ ଆକ୍ରମଣକାରୀଙ୍କ ମଧ୍ୟରୁ ଏକ ଦୁର୍ବୃତ୍ତର ଶବ ନିକଟସ୍ଥ ଚାଷ କ୍ଷେତରୁ ଉଦ୍ଧାର ହୋଇଥିଲା ଯେକି ହାଫିଜେ କୁରଆନ୍ ଥିଲା । ଉକ୍ତ ହାଫିଜେ କୁରଆନ୍ ସଂକ୍ରାନ୍ତରେ ପୋଲିସ୍ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅପର ପକ୍ଷେ ଦ୍ୱିତୀୟ ଦୁର୍ବୃତ୍ତ ଜଣକୁ ପୋଲିସ ଗିରଫ କରି ହାଜତକୁ ନେଇଗଲା । ହୁଜୁର ଅନ୍‌ୱର ଅ.ବ କହିଲେ ଯାହା ହେଉ ଏଠାରେ ଅନ୍ୟୁନ ଏହା ହେଲା ଯେ, ପୋଲିସ୍ ଦୁର୍ବୃତ୍ତ ଜଣକୁ ହାଜତ ପଠାଇ ଦେଇଛି ।

ସ୍ୱର୍ଗତ ଶହୀଦ୍‌ଙ୍କ ବଂଶରେ ଅହେମଦିୟତ୍ ହ. ମୁନ୍‌ଶୀ ସୁଲତାନ୍ ଆଲିମ୍ ସାହେବ ର.ଅଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ସ୍ୱର୍ଗତ ମୁନ୍‌ଶୀ ସୁଲ୍‌ତାନ୍ ଅହେମଦ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ଥିଲେ । ମୁନ୍‌ଶୀ ସୁଲ୍‌ତାନ୍

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସାହେବ ଗୁଜୁରାଟ ଜିଲ୍ଲାର ଅନ୍ତର୍ଗତ ଘଡ଼ିୟାଲା ନିବାସୀ ଥିଲେ ଏବଂ ସ୍ଥାନୀୟ ବିଦ୍ୟାଳୟରେ ଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ । ମହୋଦୟ ୧୯୦୬ ମସିହାରେ ଘଡ଼ିୟାଲାରୁ କାଦିୟାନ୍ ଯାଇ ହ. ମସିହ୍ ମଉଦ୍ ଅ.ସଙ୍କ ହସ୍ତରେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସ୍ୱର୍ଗତ ବଶାରତ୍ ସାହେବ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସେନାରେ ଭର୍ତ୍ତି ହୋଇଥିଲେ । କିଛି ବର୍ଷ ସେନାରେ ଯୋଗ ଦେବା ପରେ ସେନାର ଚାକିରୀ ଛାଡ଼ିଦେଲେ ଏବଂ ଆଉ କିଛି କାଳ ଗଲା ପରେ ୧୯୮୪/୧୯୮୫ ମସିହାରେ ପରିବାରବର୍ଗଙ୍କ ସମେତ ନର୍ୱେ ଦେଶକୁ ସ୍ଥାନାନ୍ତରିତ ହୋଇଗଲେ । ନର୍ୱେ ଦେଶର ନାଗରକିତ୍ୱ ପ୍ରାପ୍ତ ହେବା ସତ୍ତ୍ୱେ ୨୦୦୮ ମସିହାରେ ପୁନଃ ନର୍ୱେରୁ ସ୍ୱଦେଶକୁ ନିଜର ପୈତୃକ ଗ୍ରାମକୁ ଫେରି ଆସିଥିଲେ ଏବଂ ଏହାପରେ ସେ ନର୍ୱେ ଯିବା ଆସିବା କରୁଥିଲେ। ପୈତୃକ ଗ୍ରାମରେ ଜମିଦାରୀ ସହିତ ଅଞ୍ଚଳବାସୀଙ୍କ ସେବା ନିମନ୍ତେ ନିଃଶୁଳ୍କ ହୋମିଓପାଥୀ ଡିସ୍‌ପେନ୍‌ସାରୀ ସେବା ଆରମ୍ଭ କରିଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ସେବା ଜାରି ରଖିଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ସହୀଦ୍ ଓସିୟତ୍ କରିଥିଲେ । ସ୍ୱର୍ଗତ ସହୀଦ୍ ସମୟରେ ଘଢିଆଲାର ସେକ୍ରେଟାରୀ ଇସ୍‌ଲାହ୍ ଓ ଇର୍ଶାଦ୍ ହିସାବରେ ସେବା କରିବାର ସୌଭାଗ୍ୟ ଲାଭ କରିଥିଲେ । ଅତ୍ୟନ୍ତ ମେଳାପୀ ପ୍ରିୟ ଏବଂ ସମସ୍ତଙ୍କୁ ଭଲ ପଉଥିବା ବ୍ୟକ୍ତି ଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଆପଣା ଏବଂ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଥିଲା । ସ୍ୱର୍ଗତଙ୍କ ଠାରେ ମାନବ ସେବା କରିବାର ମନୋଭାବ ସ୍ୱଷ୍ଟ ଥିଲା । ବିନା କୌଣସି ଧାର୍ମିକ ପାର୍ଥକ୍ୟ ରଖି ଅଭାବି ଲୋକମାନଙ୍କୁ ଆର୍ଥିକ ଓ ଶୃଙ୍ଖଳାଗତ ତଥା ଆଚରଣଗତ ସାହାଯ୍ୟ କରୁଥିଲେ । ସ୍ୱର୍ଗତ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ ଏବଂ ସ୍ୱର୍ଗତଙ୍କ ଠାରେ ଅତିଥି ସତ୍କାରକ ଭଳି ସୁଗୁଣାବଳୀ ସ୍ୱଷ୍ଟ ବିଦ୍ୟମାନ ରହିଥିଲା । ବିଶେଷ କରି ସେ କେନ୍ଦ୍ରୀୟେ ଅତିଥିମାନଙ୍କର ସେବାରେ ନିମଜ୍ଜିତ ରହୁଥିଲେ । ସ୍ୱର୍ଗତ ନିୟମିତ ରୂପେ ପାଞ୍ଚବେଳା ନମାଜ ପାଠ କରୁଥିଲେ। ବେଳେବେଳେ ସେ ନିଜ ଅଞ୍ଚଳରେ ନିଃଶୁଳ୍କ ମେଡ଼ିକାଲ୍ କ୍ୟାମ୍ପ୍‌ର ମଧ୍ୟ ବ୍ୟବସ୍ଥା କରୁଥିଲେ ।

ସ୍ୱର୍ଗତଙ୍କର ପୁତୁରା ସମ୍ମାନନୀୟ ମୁବଲ୍ଲିଗ୍ ରାଫେ ଅହେମଦ ସାହେବ କୁହନ୍ତି, ସ୍ୱର୍ଗତ ଶହୀଦ୍ ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରିୟ ଏବଂ ସୁଗୁଣାବଳୀ ଭଳି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ମାନବ ସେବାର ମନୋଭାବ ଦ୍ୱାରା ପରିପୂର୍ଣ୍ଣ ହେବା ସତ୍ତ୍ୱେ ଜଣେ ଉତ୍ତମ ଦାଇ ଇଲଲ୍ଲାଃ (ଈଶ୍ୱରଙ୍କ ଆଡ଼କୁ ଆମନ୍ତ୍ରିତକାରୀ) ବ୍ୟକ୍ତି ମଧ୍ୟ ଥିଲେ ଏବଂ ଅତ୍ୟନ୍ତ ସରଳ ତଥା ଅଭାବି ବ୍ୟକ୍ତିମାନଙ୍କର ଆବଶ୍ୟକତାକୁ ପୂରଣ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ହସ୍ତରେ ଶିଫା (ଆରାଗ୍ୟ ପ୍ରଦାନ କରିବାର ସାମର୍ଥ୍ୟ) ରଖିଥିଲେ । ନିୟମିତ ରୂପେ ଖୁତ୍‌ବାତେ ଜୁମା ଶୁଣିବା ପ୍ରତି ଅତ୍ୟନ୍ତ ସଚେତନ ଓ ସମ୍ବେଦନଶୀଳ ବ୍ୟକ୍ତି ଥିଲେ । କିଛି କାଳ ପୂର୍ବେ ସ୍ୱର୍ଗତ ଶହୀଦ୍‌ଙ୍କ ପତ୍ନୀ ପର୍‌ୱିନ୍ ଅଖ୍‌ତର୍ ସାହେବା ନର୍‌ୱେରେ ଥିବା ସମୟରେ ଏକ ସ୍ୱପ୍ନ ଦେଖିଲେ ଯେ, ତାଙ୍କ ସ୍ୱାମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି ଏବଂ କେହି ତାଙ୍କର ପ୍ରାଣ ନେବାକୁ ଚେଷ୍ଟା କରୁଛି । ସେ ଯାହାହେଉ ନା କାହିଁକି ସେ ସ୍ୱାମୀଙ୍କୁ ସତର୍କ ରହିବା ପାଇଁ କହିଥିଲେ । ଶହୀଦ୍‌ଙ୍କ ଶୋକ ସନ୍ତପ୍ତ ପରିବାରରେ ପତ୍ନୀ, ଅଖ୍‌ତର୍ ସାହେବା (ମହୋଦୟା ବର୍ତ୍ତମାନ ନର୍‌ୱେରେ ବାସ କରୁଛନ୍ତି), ଦୁଇ ପୁତ୍ର ଏବଂ ପାଞ୍ଚ ଜଣ କନ୍ୟା ସନ୍ତାନ ରହିଛନ୍ତି । ତନ୍ମଧ୍ୟରୁ ଗୋଟିଏ କନ୍ୟା ପାକିସ୍ତାନରେ ଅବସ୍ଥାନ କରୁଥିବା ବେଳେ ଅନ୍ୟ ସମସ୍ତେ ବିଭିନ୍ନ ଦେଶରେ ଅବସ୍ଥାନ କରୁଛନ୍ତି ।

ନର୍‌ୱେର ମୁବଲ୍ଲିଗ୍ ଇନ୍‌ଚାର୍ଜ ଶାହିଦ୍ ମେହ୍‌ମୁଦ୍ କାହାଲୋଁ ସାହେବ୍ ଉଲ୍ଲେଖ କରନ୍ତି, ସ୍ୱର୍ଗତ ବେଶାରତ୍ ସାହେବ ଅତ୍ୟନ୍ତ ସାଧୁ ଓ ସରଳ ସ୍ୱଭାବର ବ୍ୟକ୍ତି ଥିଲେ। ସ୍ୱର୍ଗତ ନର୍‌ୱେରେ ଅବସ୍ଥାନ କରିବା ସମୟରେ ହୋମିଓପାଥୀ ଚିକିତ୍ସା ତଥା ଔଷଧ ମାଧ୍ୟମରେ ଲୋକସେବା କରୁଥିଲେ ଏବଂ ଚାକିରୀ ଜୀବନରୁ ଅବସର ନେବା ପରେ ପ୍ରାୟ ୧୩ ବର୍ଷ ଧରି ପାକିସ୍ତାନର ପୈତୃକ ଗ୍ରାମରେ ଅବସ୍ଥାନ କରି ଲୋକସେବା କରି ଆସୁଥିଲେ । ଉକ୍ତ ଅବସ୍ଥାନ ଅବଧି ମଧ୍ୟରେ ସେ ବେଳେ ବେଳେ ନର୍‌ୱେ ମଧ୍ୟ ବୁଲି ଆସୁଥଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ହସ୍ତରେ ଆରୋଗ୍ୟ ପ୍ରଦାନ କରିବାର ଶକ୍ତି ତଥା ସାମର୍ଥ୍ୟ ରଖିଥିଲେ । ରୋଗୀମାନଙ୍କର ସେବା କରିବା ପାଇଁ ସେ ସର୍ବଦା ତତ୍ପର ରହୁଥିଲେ ଏବଂ ରୋଗୀମାନଙ୍କ ଘରକୁ ଯାଇ ମଧ୍ୟ ଔଷଧ ଦେଇ ଆସୁଥିଲେ । ତାଙ୍କର ସ୍ୱର୍ଗତଙ୍କର ପତ୍ନୀ ସମସ୍ତ ପ୍ରିୟଜନଙ୍କ ମଧ୍ୟରୁ ଅତି ପ୍ରିୟ ଥିଲେ । ସ୍ୱର୍ଗତଙ୍କର ପତ୍ନୀ ବୈଅତ୍ କରି ନଥିଲେ। କିନ୍ତୁ ନିଜ ସ୍ୱାମୀଙ୍କୁ ସେ କେବେ ବି ବିରୋଧ କରି ନଥିଲେ ବରଂ ସମସ୍ତ ସନ୍ତାନ ସନ୍ତତିମାନଙ୍କୁ ଅହେମଦି ଘରେ ବିବାହ କରାଇଥିଲେ । ସ୍ୱର୍ଗତ ବେଶାରତ୍ ସାହେବ୍ ଶେଷ ଥର ୨୦୧୮ ମସିହା ଅକ୍ଟୋବର ମାସରେ ଯେତେବେଳେ ନର୍‌ୱେ ଆସିଲେ ସେତେବେଳେ ନିଜ ପତ୍ନୀଙ୍କୁ ସେ ବୈଅତ୍ ମଧ୍ୟ କରାଇଥିଲେ। ସ୍ୱର୍ଗତ କୁହନ୍ତି, "ମୁଁ ଏହି ଉଦ୍ଦେଶ୍ୟ ରଖି ନର୍‌ୱେ ଆସିଛି ଯେ, ନିଜ ପତ୍ନୀଙ୍କୁ ବୈଅତ୍ କରାଇ ପାରିବି । ସ୍ୱର୍ଗତ କୁହନ୍ତି, ସେଠାରେ ଅର୍ଥାତ ପାକିସ୍ତାନରେ ଘୋର ବିରୋଧ ହେଉଛି । ଧମକ ମଧ୍ୟ ମିଳୁଛି କିନ୍ତୁ ସେଠାରେ ଦାରିଦ୍ର୍ୟତା ଅତ୍ୟଧିକ ମାତ୍ରାରେ ରହିଛି ଓ ବଢି ଚାଲିଛି । ଲୋକମାନେ ଔଷଧ ପତ୍ର କିଣିପାରୁ ନାହାନ୍ତି, ସେମାନଙ୍କର ପାଖରେ ପଇସା ପତ୍ର ନାହିଁ । ମୋ ଯୋଗୁଁ ଦରିଦ୍ର ଲୋକମାନେ ନିଃଶୁଳ୍କ ଚିକିତ୍ସା ସୁବିଧା ମିଳି ପାରୁଛି ଏବଂ ମୁଁ ସେମାନଙ୍କୁ ସାହାଯ୍ୟ ମଧ୍ୟ କରୁଛି । ଏଥିପାଇଁ ମୁଁ ବେଶ୍ ଆନନ୍ଦିତ ମୁଁ ମୃତ୍ୟୁକ ଆଦୌ ଭୟ କରେ ନାହିଁ । କାରଣ ତାହା ଦିନେ ନା ଦିନେ ଅବଶ୍ୟ ଆସିବ ଓ ମୋତେ ଗ୍ରାସ କରିନେବ । ସେ ଯାହାହେଉ ନା କାହିଁକି ଅହେମଦିମାନେ ତ' ମାନବ ସେବା କରନ୍ତି ଏବଂ ନିର୍ଭୀକ ଭାବରେ ମାନବ ସେବା କରନ୍ତି । ଅଲ୍ଲାଃତାଲା ସମ୍ମାନନୀୟ ମୁହମ୍ମଦ୍ ରଶୀଦ୍ ସାହାବଙ୍କୁ ବୈକୁଣ୍ଠରେ ଉଚ୍ଚତମ ସ୍ତର ପ୍ରଦାନ କରି ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ଶହୀଦଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯେଉଁ ମୃତକ ରହିଛନ୍ତି ସେମାନେ ଦୁଇ ଜଣ ଅଟନ୍ତି । ସେମାନେ ହେଲେ, ଜନୈକା ମାତା ସମ୍ମାନନୀୟା ସ୍ୱର୍ଗତା ଉମ୍ମାନୀ ବିସାମ୍ ଇଜ୍‌ଲାୱୀ ସାହେବା ଓ ତାଙ୍କର ସୁପୁତ୍ର ସ୍ୱର୍ଗତ ସଲାହ୍ ଅବ୍‌ଦୁଲ୍ ମୁଇନ୍ କୁତୈଶ୍ ସାହେବଙ୍କର। ମୁବଲ୍ଲିଗ୍ ସିଲ୍‌ସିଲା ତଥା ସଦର ଜମାଅତ୍ ସାଦିକ୍ ସାହେବ ଉଲ୍ଲେଖ କରନ୍ତି ଯେ, ଚଳିତ ମାସ ଫେବୃୟାରୀ ୬ ତାରିଖ ଦିନ ତୁର୍କୀରେ ଆସିଥିବା ଭୀଷଣ ଭୂମି କମ୍ପରେ ଦୁଇ ଜଣ ଅହେମଦି ମଧ୍ୟ ପ୍ରାଣ ହରାଇଛନ୍ତି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍** । ଏତଦ୍‌ଭିନ୍ନ ସାମଗ୍ରିକ ଭାବରେ କହିବାକୁ ଗଲେ ଭୂମିକମ୍ପ ଯୋଗୁଁ ଅହେମଦିମାନେ ଅଲ୍ଲାଃତାଲାଙ୍କ କୃପାରୁ ସୁରକ୍ଷିତ ଅଛନ୍ତି । ହେଲେ ହେଁ କେତେକ ଅହେମଦି ସାମାନ୍ୟ ଆହତ ମଧ୍ୟ ହୋଇଛନ୍ତି ।

ମୃତ୍ୟୁବରଣ କରିଥିବା ଅହେମଦିଙ୍କ ମଧ୍ୟରେ ୨୩ ବର୍ଷୀୟା ସିରିନ୍ ଅହେମଦି ମହିଳା ସମ୍ମନନୀୟା ଉମ୍ମାନୀ ବିସାମ୍ ଇଜ୍‌ଲାୱୀ ସାହେବା ଇସ୍କନ୍ଦୁରୁନ୍ ଜମାଅତ୍‌ର ଅଧିବାସୀନୀ ଥିଲେ । ସ୍ୱର୍ଗତା ଅବ୍‌ଦୁଲ୍ ମୁଇନ୍ କୁତୈଶ୍ ସାହେବଙ୍କର ପତ୍ନୀ ଏବଂ ଇସ୍କନ୍ଦୁରୁନ୍ ଜମାଅତ୍‌ର ସଦର ସମ୍ମାନନୀୟ ସଲାହ୍ କୁତୈଶ୍ ଅବୁ ଖାଲିଦ୍ ସାହେବଙ୍କର ପୁତ୍ରବଧୂ ଥିଲେ । ଉମ୍ମାନୀ ସାହେବା ଦୁଇ ମାସ ପୂର୍ବେ ନିଜ ସ୍ୱାମୀଙ୍କ ସହିତ ଆସି ବୈଅତ୍ କରିଥିଲେ । ସ୍ୱର୍ଗତାଙ୍କ ଶ୍ୱଶୁର ସମ୍ମାନନୀୟ ସଲାହ୍ କୁତୈଶ୍ ସାହେବ କହିଲେ ଯେ, ଭୂମିକମ୍ପର ଗୋଟିଏ ଦିନ ପୂର୍ବେ ସେ ଉମ୍ମାନୀ ସାହେବାଙ୍କୁ ପଚାରିଲେ ଯେ, ବଧୂ ଉମ୍ମାନୀ ! କ'ଣ ତୁମେ ନିଜ ପରିବାରବର୍ଗଙ୍କୁ କହିଛି ଯେ, ତୁମେ ଅହେମଦି ହୋଇଯାଇଛ ? ପ୍ରତ୍ୟୁତ୍ତରରେ ଉମ୍ମାନୀ ସାହେବା କହିଲେ, ହଁ କହିଦେଇଛି । ମୁଁ ବର୍ତ୍ତମାନ ନିଜର ପିତାମାତାଙ୍କୁ ଅହେମଦି ହେବାର ସୂଚନା ପ୍ରଦାନ କରି ଦେଇଛି । ସଲାହ୍ ସାହେବ କୁହନ୍ତି ଯେ, ଉମ୍ମାନୀ ସାହେବା ଏହି କଥା ଯୋଗୁଁ ଅତ୍ୟଧିକ ପ୍ରସନ୍ନ ଥିଲେ ଯେ, ସେ ଅହେମଦିୟତ୍ ଗ୍ରହଣ କରିବା ଯୋଗୁଁ ତାଙ୍କର ମାତାପିତାଙ୍କୁ କୌଣସି ଆପତ୍ତି ନଥିଲା ଏବଂ ସେମାନେ କୌଣସି ପ୍ରତିକ୍ରିୟା କିମ୍ବା କୌଣସି ବିରୋଧ କଲେ ନାହିଁ । ସ୍ୱର୍ଗତା ଉମ୍ମାନୀ ସାହେବାଙ୍କ ସହିତ ତାଙ୍କର ୩ ବର୍ଷୀୟ ସୁପୁତ୍ର ସ୍ୱର୍ଗତ ସଲାହଉଦ୍ଦୀନ୍‌ର ମଧ୍ୟ ମୃତ୍ୟୁ ଘଟିଛି । **ଇନ୍ନା ଲିଲ୍ଲାଃହି ୱଇନ୍ନ ଇଲୈହି ରାଜିଉନ୍** । ଉଭୟ ମୃତକ ମୃତକା ଧ୍ୱଂସାବଶେଷସ୍ଥ ଆବର୍ଜନାରେ ଚାପି ଯାଇଥିଲେ ଏବଂ ସେମାନଙ୍କୁ ଦୁଇ ଦିନ ପରେ ଉଦ୍ଧାର କରାଯାଇଥିଲା । ସେତେବଳକୁ ସେମାନଙ୍କର ମୃତ୍ୟୁ ହୋଇ ସାରିଥିଲା। ଉମ୍ମାନୀ ସାହେବଙ୍କ ସ୍ୱାମୀ ଅବ୍‌ଦୁଲ୍ ମୁଇନ କୁତୈଶ୍‌ଙ୍କ ବ୍ୟତୀତ ୬ ବର୍ଷୀୟା କନ୍ୟା ଉବୈରାହ୍ ମଧ୍ୟ ସନ୍ତକ ରୂପେ ଛାଡ଼ି ଯାଇଛନ୍ତି ।

କବାବିର୍‌ର ମୁବଲ୍ଲିଗ ସିଲ୍‌ସିଲା ଶମ୍‌ଶୁଦ୍ଦୀନ୍ ବାଲାବାରି ସାହେବ କୁହନ୍ତି,

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବିଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଉମ୍ମାନୀ ସାହେବା ଓ ତାଙ୍କର ସ୍ୱାମୀ ମିଆଁ ଅବ୍ଦୁଲ୍ କୁଡେଶ୍ ସାହେବଙ୍କ ପରିବାର ସିରିୟାରୁ ପ୍ରବାସ କରି ତୁର୍କୀ ଠାକୁ ଚାଲି ଆସିଥିଲା । ସ୍ୱର୍ଗତା ଉମ୍ମାନୀ ସାହେବା ଅତ୍ୟନ୍ତ ନୈଷ୍ଠିକା, ସେବିକା ଏବଂ ମିତବ୍ୟୟିନୀ ମହିଳା ଥିଲେ । ବୈଅତ୍‌ର ମହତ୍ତ୍ୱ ସଂପର୍କରେ ଯେତେବେଳେ ତାଙ୍କୁ ଜ୍ଞାତ ହେଲା ସେତେବେଳେ ସେ ବୈଅତ୍ କରିବାରେ କୌଣସି କାଳ ବିଳମ୍ବ କଲେ ନାହିଁ । ବରଂ ନିଜର ସ୍ୱାମୀ ଓ ଭାଇମାଙ୍କୁ ମଧ୍ୟ ଆଶ୍ୱାସନା ଦେଉଥିଲେ । ଶମ୍ସୁଦ୍ଦୀନ୍ ସାହେବ କୁହନ୍ତି, ମୋର ପତ୍ନୀ ବର୍ଣ୍ଣନା କରନ୍ତି "ବିଶେଷ ରୂପେ ମୁଁ ଏହା ଉପଲବ୍ଧି କରିଛି ଯେ, ସ୍ୱର୍ଗତା ନିଜ ଶ୍ୱଶୁର ଘରର ସମସ୍ତ ସଦସ୍ୟଙ୍କୁ ସାଙ୍ଗରେ ନେଇ ଚଳୁଥିଲେ ଏବଂ ସମସ୍ତଙ୍କ ସହିତ ତାଙ୍କର ଅତ୍ୟନ୍ତ ଭାବପୂର୍ଣ୍ଣ ଓ ପ୍ରେମପୂର୍ଣ୍ଣ ସଂପର୍କ ଥିଲା । ବୈଅତ୍ ଦିନ ସ୍ୱର୍ଗତ ଅତ୍ୟନ୍ତ ପ୍ରସନ୍ନ ଥିଲେ ଏବଂ ଆମମାନଙ୍କୁ ସେ ନିଷ୍ଠାପୂର୍ଣ୍ଣ ସହିତ ବିଦାୟ ଜଣାଇଲେ ।" ଅଲ୍ଲାଃତାଲା ସ୍ୱଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନୀତ କରନ୍ତୁ । ଆମିନ୍ ।

**ତୃତୀୟ ଯନାଜାଃ** ଯେଉଁ ବ୍ୟକ୍ତିଙ୍କର ପଢିବି ସେ ହେଉଛନ୍ତି ମକ୍‌ସୁଦ୍ ମୁନିବ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର । ଚଳିତ ମାସ ଫେବୃୟାରୀ ୧୫ ତାରିଖ ଦିନ ୫୩ ବର୍ଷ ବୟସରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍ ।**

ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମୁବଲ୍ଲିଗ୍ ସାହେବ ଓସିୟତ୍ କରିଥିଲେ । ସ୍ୱର୍ଗତଙ୍କର ପିତାଶ୍ରୀ ସମ୍ମାନନୀୟ ଚୌଧୁରୀ ଜାନ୍ ମୁହମ୍ମଦ୍ ସାହେବ ୧୯୭୪ ମସିହାରେ ଅହେମଦିୟତ୍ ଗ୍ରହଣ କରିଥିଲେ। ୧୯୯୧ ମସିହାରେ ଜାମିଆ ଅହେମଦିୟା ରବ୍‌ୱାରୁ ସେ ମୁବଶ୍ଶିର ଡିଗ୍ରୀ ପ୍ରାପ୍ତ କରି ଉତ୍ତୀର୍ଣ୍ଣ ହୋଇଥିଲେ । ଏତଦ୍‌ପରେ ସେ ନଜାରତ୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟା ଅଧୀନ ପାକିସ୍ତାନର ବିଭିନ୍ନ ସହରମାନଙ୍କର ଦାୟିତ୍ୱ ସମ୍ପାଦନ କରିଥିଲେ । ୧୯୯୮ରୁ ୨୦୦୬ ମସିହା ପର୍ଯ୍ୟନ୍ତ ପୂର୍ବ ଆଫ୍ରିକା, କେନିୟା ଠାରେ ସେବା କରିବାକୁ ସାମର୍ଥ୍ୟ ଲାଭ କରିଥିଲେ । ଏହାପରେ ସ୍ୱର୍ଗତ ପୁନଃ ପାକିସ୍ତାନ ଫେରି ଆସିଥିଲେ ଏବଂ ଆଜିକାଲି ସେ କ୍ୱେଟା ଜିଲ୍ଲାର ମୁବଲ୍ଲିଗ୍ ସିଲସିଲା ରୂପେ ଦାୟିତ୍ୱ ତୁଲାଉଥିଲେ । ଶୋକ ସନ୍ତପ୍ତଙ୍କ ପରିବାରବର୍ଗ ମଧ୍ୟରେ ପତ୍ନୀଙ୍କ ବ୍ୟତୀତ ଗୋଟିଏ ପୁତ୍ର, ଦୁଇଟି କନ୍ୟା ସନ୍ତାନ ଅନ୍ତର୍ଭୁକ୍ତ ଅଟନ୍ତି । ନାଜିର୍ ସାହେବ ଇସ୍‌ଲାହ୍ ଓ ଇର୍ଶାଦ୍ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗତ ମକ୍‌ସୁଦ୍ ସାହେବ ଜଣେ ଉଦ୍ୟମୀ, ପରିଶ୍ରମୀ ଏବଂ କର୍ମଠ ମୁବଲ୍ଲିଗ୍ ଥିଲେ ।

କ୍ୱେଟାର ମୁବଲ୍ଲିଗ୍ ସିଲସିଲା ଅବ୍ଦୁର୍ ୱକିଲ୍ ସାହେବ ଉଲ୍ଲେଖ କରନ୍ତି, ସ୍ୱର୍ଗତ ମକ୍‌ସୁଦ୍ ସାହେବ ୱାକ୍‌ଫିନମାନଙ୍କୁ ବହୁତ ସମ୍ମାନ ଜଣାଉଥିଲେ । ଯେଉଁ ପ୍ରସଙ୍ଗ ସଂପର୍କରେ ସ୍ୱର୍ଗତ ଜାଣି ନଥିଲେ ତତ୍‌ସଂପର୍କରେ ସେ ନିର୍ଦ୍ୱିନ୍ଦ୍ୱରେ ମୋତେ ପଚାରୁଥିଲେ । ଏହାର ଅପର ପକ୍ଷେ ଏହି ଅଧମ ବୟସରେ ତାଙ୍କ ଠାରୁ ବହୁ ସାନ ଥିଲା । ସ୍ୱର୍ଗତ ମକ୍‌ସୁଦ ସାହେବ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କେନିୟା ଠାରେ ନିଜର କର୍ମମୟ ଜୀବନ ଅତିବାହିତ କରିଥିଲେ ଏବଂ ସର୍ବଦା ତାଙ୍କର କଥାରେ କେନିୟା ଓ କେନିୟବାସୀଙ୍କ ଚର୍ଚ୍ଚା ହେଉଥିଲା ଏବଂ କେନିୟାର ଲୋକମାନଙ୍କର ମଧ୍ୟରେ ସ୍ୱର୍ଗତଙ୍କ ବ୍ୟକ୍ତିତ୍ୱ ବସା ବାନ୍ଧି ନେଇଥିଲା ।

ସ୍ୱର୍ଗତ ଅନେକ ସମୟରେ କହୁଥିଲେ ଯେ, କେନିୟାର ଲୋକମାନେ ନିଷ୍ଠାରେ ବେଶ୍ ଅଗ୍ରଗତି କରିଛନ୍ତି ଏବଂ ଅହେମଦିମାନଙ୍କୁ ବହୁତ ଭଲ ପାଆନ୍ତି ।କାଏଦ୍ ମଜ୍‌ଲିସ୍ ଫରିଦ୍ ମୁବାରକ୍ ସାହେବ ଉଲ୍ଲେଖ କରନ୍ତି, ସ୍ୱର୍ଗତ ମକ୍‌ସୁଦ୍ ସାହେବ ଅତ୍ୟନ୍ତ ଶୁଶୀଳ, ସାଧୁ, ପବିତ୍ର ଏବଂ ଜଣେ ଧର୍ମ ପ୍ରିୟ ବ୍ୟକ୍ତି ଥିଲେ। ଜମାଅତ୍ ପାଇଁ ନିଜକୁ ବଳି ଦେବାକୁ ସର୍ବଦା ପ୍ରସ୍ତୁତ ରହୁଥିଲେ, ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ଫରିଦ୍ ସାହେବ୍ କୁହନ୍ତି, ଯେତେବେଳେ ମୋତେ ଏହା ଜ୍ଞାତ ହେଲା ଯେ, କ୍ୱେଟାରେ ଜଣେ ବରିଷ୍ଠ ମୁବଲ୍ଲିଗ୍ ସାହେବଙ୍କର ନିଯୁକ୍ତି ହୋଇଛି ସେତେବେଳେ ମୁଁ ବହୁତ୍ ଆନନ୍ଦିତ ହେଲି । କାରଣ କ୍ୱେଟା ଜମାଅତ୍‌କୁ ଏହିଭଳି ବରିଷ୍ଠ ସୁଯୋଗ୍ୟ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର ଆବଶ୍ୟକତା ଥିଲା ।

ଫରିଦ୍ ସାହେବ କୁହନ୍ତି, ପ୍ରଥମ ଦେଖାରେ ହିଁ ସ୍ୱର୍ଗତ ମକ୍‌ସୁଦ୍ ସାହେବ ମୋର ମନ ଜିଣି ନେଇଥିଲେ । ଯେଉଁ ଦିନ ସ୍ୱର୍ଗତ କ୍ୱେଟାର ମସ୍‌ଜିଦ୍‌ରେ ପ୍ରଥମ ଖୁତ୍‌ବା ଦେଲେ ସେଦିନ ପ୍ରତ୍ୟେକ ଅହେମଦି ଶ୍ରୋତାଗଣ ସ୍ୱର୍ଗତଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ସ୍ୱର୍ଗତ ମକ୍‌ସୁଦ୍ ସାହେବ ଅତ୍ୟନ୍ତ ଅତିଥି ପ୍ରିୟ ବ୍ୟକ୍ତି ଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଘରକୁ ଆମନ୍ତ୍ରିତ କରୁଥିଲେ ଏବଂ ସେମାନଙ୍କର ବେଶ୍ ସେବା ଓ ଆତିଥ୍ୟତା କରୁଥିଲେ । ସ୍ୱର୍ଗତଙ୍କ ହୃଦୟରେ ଜମାଅତ୍ ପ୍ରତି ଯେଉଁ ସମବେଦନା ଥିଲା ତାହା ସ୍ପଷ୍ଟ ରୂପେ ତାଙ୍କ ଚକ୍ଷୁରୁ ହିଁ ବାରି ହୋଇ ପଡୁଥିଲା। ଇଜଲାସାତ୍ (ସଭା ସମିତି), ଦୌରାଜାତ୍ (ଗସ୍ତ) ଆଦିରେ ସେ ସାମିଲ୍ ହୋଇଯାଉଥିଲେ ଏବଂ ପ୍ରତ୍ୟେକ ସାକ୍ଷାତ୍‌କାରୀଙ୍କ ମନରେ ଜମାଅତ୍ ପାଇଁ ସମବେଦନା ସୃଷ୍ଟି କରିବା ପାଇଁ ସେ ଅକ୍ଳାନ୍ତ ଉଦ୍ୟମ କରୁଥିଲେ । ସ୍ୱର୍ଗତଙ୍କ ନିକଟରେ ଜମାଅତୀୟ ଜ୍ଞାନର ଅମାପ ଭଣ୍ଡାର ମଧ୍ୟ ରହିଥିଲା ।

ସ୍ୱର୍ଗତଙ୍କ ଠାରେ ବିନୀତତାମୂଳକ ଆଚରଣ ଏତେ ଥିଲା କି, ତାଙ୍କୁ ଯିଏ ଦେଖି ମୁଁ କହିଲି ଯେ, ଏହିଭଳି ବିନୀତ ସ୍ୱଭାବର ବ୍ୟକ୍ତି ମୁଁ ନିଜ ଜୀବନରେ କେବେ ହେଲେ ଦେଖି ନାହିଁ । ପୁନଶ୍ଚ ଫରିଦ୍ ସାହେବ କୁହନ୍ତି, ଗତ ଶୁକ୍ରବାର ଦିନ ସ୍ୱର୍ଗତଙ୍କ ମୁଖମଣ୍ଡଳରେ ଏକ ଅଭୁତପୂର୍ବ୍ବ ଓ ଅଲୌକିକ ଓଜସ୍ୱୀ ରଶ୍ମୀ ବିଦ୍ୟମାନ ଓ ବିସ୍ତାରିତ ଥିଲା । ଯେତେବେଳେ ତାଙ୍କ ଉପରେ ମୋର ଦୃଷ୍ଟି ପଡ଼ିଲା ସେତେବେଳେ ମୁଁ ନାଜିମ୍ ଉମୁମିଙ୍କ ସହିତ ଉକ୍ତ କଥାର ପରିପ୍ରକାଶ ବା ଚର୍ଚ୍ଚା କରି କହିଲି, ନାଜିମ୍ ସାହେବ ! ଆଜି ମୌଲବୀ ସାହେବ ବହୁତ ସୁନ୍ଦର ଦେଖା ଯାଉଛନ୍ତି । ଆମେ ଜାଣି ନଥିଲୁ ଏହା ତାଙ୍କର ଶେଷ ଶୁକ୍ରବାର ଥିଲା । ଏହାପରେ ସ୍ୱର୍ଗତ ମକ୍‌ସୁଦ୍ ସାହେବଙ୍କର ବିୟୋଗ ହୋଇଗଲା । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନୀତ କରନ୍ତୁ। ଖୁତ୍‌ବା ଶେଷରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜୁମା ନମାଜ ପରେ ଏହି ସମସ୍ତ ମୃତକ ମୃତକାମାନଙ୍କର ନମାଜ ଯନାଜାଃ ପଢେଇବି ।

☆ ☆ ☆

## (ଖୁତ୍‌ବା ଜୁମା)

**ପବିତ୍ର କୁରଆନ୍ ଅନୁସରଣ କରି ମନୁଷ୍ୟ ସର୍ବଶକ୍ତିମାନ ଈଶ୍ୱରଙ୍କ ବିଶିଷ୍ଟ ଗୁଣାବଳୀର ଏକ ପରିପ୍ରକାଶ ବ୍ୟକ୍ତି ରୂପେ ପାଲଟି ଯାଇଥାଏ।**

**ହ. ମସିହ୍ ମଉଦ୍ ଅ.ସ ଯେଉଁ ଗଭୀରତାର ସହିତ ଆମକୁ ପବିତ୍ର କୁରାନର ମର୍ଯ୍ୟାଦ ଏବଂ ମହତ୍ତ୍ୱ ବିଷୟରେ ଅବଗତ କରାଇଛନ୍ତି, ତାହା ହେଉଛି ସର୍ବଶକ୍ତିମାନ ଈଶ୍ୱରଙ୍କ ସାନ୍ନିଧ୍ୟତା ପ୍ରାପ୍ତ କରିବା ଓ ପବିତ୍ର କୁରାନୀୟ ଶିକ୍ଷା ଉପରେ ଅନୁସରଣ କରିବା ଏବଂ ଅବବୋଧ ସଂକ୍ରାନ୍ତରେ ସମ୍ୟକ ଜ୍ଞାନ ପ୍ରଦାନ କରାଇଥାଏ । (ହ. ମସିହ୍ ମଉଦ୍ ଅ.ସ)**

**"ଯଦିଓ ମୁଁ ଜଗତର ସମସ୍ତ ଅବତାରମାନଙ୍କୁ ସମ୍ମାନ ଜଣାଏ ଏବଂ ସେମାନଙ୍କ ପୁସ୍ତକ ପ୍ରତି ମଧ୍ୟ ସମ୍ମାନ ପ୍ରଦର୍ଶନ କରେ, କିନ୍ତୁ ମୁଁ ଇସଲାମ୍ ଧର୍ମକୁ ଜୀବନ୍ତ ଧର୍ମ ଭାବରେ ଗ୍ରହଣ କରେ । କାରଣ ଏହା ମାଧ୍ୟମରେ ଭଗବାନ ମୋ ନିକଟରେ ପ୍ରକାଶ୍ୟ ହେଲେ ।"**

**(ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ)**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଯଦି ଆମେ ପବିତ୍ର କୁରଆନ୍ କରୀମ୍ ଉପରେ ବିଶ୍ୱାସ କରୁ ଏବଂ ତା'ପରେ ଆମମାନଙ୍କ ମଧ୍ୟରେ କୌଣସି ସଂସ୍କାର (ପରିବର୍ତ୍ତନ) ସୃଷ୍ଟି ହେଉ ନାହିଁ, ତେବେ ତହିଁରେ ଆମମାନଙ୍କର ହିଁ ଦୋଷ ଦୁର୍ବଳତା ରହିଛି । ଯେପରିକି ଆପଣ ଅ.ସ କୁହନ୍ତି, ସମ୍ପୂର୍ଣ୍ଣ ଅନୁସରଣ ଆବଶ୍ୟକ। ଯଦି ଲୋକମାନେ ପବିତ୍ର କୁରଆନ୍ କରୀମକୁ ସମ୍ପୂର୍ଣ୍ଣ ରୂପେ ଅନୁସରଣ କରନ୍ତି ନାହିଁ, ତେବେ ଲୋକମାନଙ୍କର କିପରି ସଂସ୍କାର ଓ ସଂଶୋଧନ ହେବ ? ତେଣୁ ଆମମାନଙ୍କୁ ପୂର୍ଣ୍ଣ ରୂପେ ଉଦ୍ୟମ କରିବା ଉଚିତ୍ । କାରଣ ଆମେମାନେ ଯେପରି ପୂର୍ଣ୍ଣ ଆଜ୍ଞାକାରୀ ବ୍ୟକ୍ତି ପାଲଟି ଯାଉ । ଏଥି ନିମନ୍ତେ ଆଲ୍ଲାତାଲା ଆମମାନଙ୍କୁ ସମାର୍ଥ୍ୟ ପ୍ରଦାନ କରନ୍ତୁ ।

ବାସ୍ତବରେ, ଆତ୍ମାର ସନ୍ତୁଷ୍ଟି ଓ ତୃପ୍ତିର ମାଧ୍ୟମ ଏବଂ ସେହି କଥା ଯାହା ଦ୍ୱାରା ଆତ୍ମାର ପ୍ରକୃତ ଆବଶ୍ୟକତା ପୂରଣ ହୋଇଥାଏ ତାହା ପବିତ୍ର କୁରାନରେ ହିଁ ଅନ୍ତର୍ନିହିତ ରହିଛି ।

ଆଜି ଆମ ଅହମଦିମାନଙ୍କର ଏହି କର୍ତ୍ତବ୍ୟ ଯେ, ଆମେମାନେ ନିଜ ମଧ୍ୟରେ ଧର୍ମପରାୟଣତା ସୃଷ୍ଟି କରି ସେହି ଶିକ୍ଷାର ସୁଗୁଣାବଳୀଗୁଡ଼ିକୁ ନିଜର ଶବ୍ଦ ଓ କାର୍ଯ୍ୟ ଦ୍ୱାରା ସମ୍ପାଦନ କରି ଦେଖାଇ ଦେବା ଉଚିତ୍ । ବିଶ୍ୱକୁ କହି ଦିଅନ୍ତୁ ଯେ, ପବିତ୍ର କୁରଆନ୍ ହିଁ ହେଉଛି ସମସ୍ତ ପ୍ରକାରର ରୋଗର ଉପଶମ ଏବଂ ଏହାକୁ ପ୍ରେରଣ କରିଥିବା ସତ୍ତା ହେଉଛନ୍ତି ସେହି ଈଶ୍ୱର ଯେକି ପବିତ୍ର କୁରଆନ୍ ଓ ମୁମହମ୍ମଦ୍ ସ.ଅଙ୍କୁ ଆଭିପ୍ରାୟିକ ଭାବରେ ଇହ ଜଗତକୁ ପ୍ରେରଣ କରିଛନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ଧର୍ମପରାୟଣତା ମାର୍ଗରେ ପରିଚାଳିତ ହେବା ନିମନ୍ତେ ଓ ଧର୍ମପରାୟଣତାକୁ କାର୍ଯ୍ୟକାରୀ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପ୍ରତିଶୃତ ମସିହ୍ ଓ ମେହ୍‌ଦୀଙ୍କ କଥନାବଳୀ ତଥା ଲେଖନୀର ପ୍ରକାଶରେ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ଏବଂ ମହତ୍ତ୍ୱର ଚିତ୍ତାକର୍ଷକ ଚର୍ଚ୍ଚା ।

ବିରୋଧାତ୍ମକ ବା ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଂଲାଦେଶ, ପାକିସ୍ଥାନ, ବୁର୍କିନାଫାସୋ ଏବଂ ଅଲ୍ ଯଜାଏର (ଉପଦ୍ୱୀପ)ରେ ରହୁଥିବା ଅହହେମିଦମାନଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଆହ୍ୱାନ ।

ଆଲ୍ଲାତାଲା ଅହେମଦିମାନଙ୍କୁ ସେମାନଙ୍କର ଅନିଷ୍ଟତା ଠାରୁ ସୁରକ୍ଷିତ ରଖନ୍ତୁ ଏବଂ ସେମାନଙ୍କୁ ଯଥାଶୀଘ୍ର କବଳିତ କରିବାର ସାଧନ ମଧ୍ୟ ସୃଷ୍ଟି କରନ୍ତୁ । ବର୍ତ୍ତମାନ ସେମାନଙ୍କ ପାଇଁ ମାର୍ଗଦର୍ଶନର କୌଣସି ପ୍ରାର୍ଥନା ଆଉ ହୋଇପାରିବ ନାହିଁ । اَللّٰھُمَّ مَزِّقْھُمْ کُلَّ مُمَزَّقٍ وَسَحِّقْھُمْ تَسْحِیْقًاର ପ୍ରାର୍ଥନା ଆମ ପାଟିରୁ ଓ ହୃଦୟରୁ ସେମାନଙ୍କ ପାଇଁ ବାହାରିଥାଏ ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା**

**03 Mar 2023 ମସିହା ଅନୁଯାୟୀ ୦୩ ତବ୍‌ଲିଗ୍ /୧୪୦୨ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ବ୍ରହ୍ମଜ୍ଞାନ ସଂକ୍ରାନ୍ତରେ ଆମମାନଙ୍କୁ ଯେଉଁ ଶିକ୍ଷା ଦେଇଛନ୍ତି ଅବା ନିଜର ପୁସ୍ତକ ଓ ନିଜର ପ୍ରବଚନ ମାଧ୍ୟମରେ ସେହି ବ୍ରହ୍ମଜ୍ଞାନକୁ ବୁଝିବା ଓ ତାହା ଉପରେ କାର୍ଯ୍ୟାନୁସରଣ କରିବାର ଯେଉଁ ମାର୍ଗ ସଂପର୍କରେ ବର୍ଣ୍ଣନା କରିଛନ୍ତି ସେହି ମାର୍ଗର କେତେକାଂଶ ମୁଁ ବିଗତ ୨ଟି ଖୁତ୍‌ବାରେ ବର୍ଣ୍ଣନା କରିଥିଲି । ଆଜି ସେହି ପ୍ରସଙ୍ଗକୁ ପୁନଃ ଏଠାରେ ଉପସ୍ଥାପିତେ କରିବି। ପବିତ୍ର କୁରଆନ୍ କରୀମ୍ ହେଉଛି ବ୍ରହ୍ମଜ୍ଞାନ ସମ୍ବଳିତ ଭଣ୍ଡାର । ଏହି ବ୍ରହ୍ମଜ୍ଞାନ ସମ୍ବଳିତ ଭଣ୍ଡାର ହିଁ ଆମମାନଙ୍କୁ ଜ୍ଞାନ ପ୍ରଦାନ କରିଥାଏ ବାସ୍ତବିକ ତାହା ପ୍ରଭୁଙ୍କୁ ଭକ୍ତ ସହିତ ସାକ୍ଷାତ୍ କରାଇଥାଏ । ଏହି ପନ୍ଥାକୁ ବାଦ୍‌ଦେଲେ ପ୍ରଭୁଙ୍କୁ ପ୍ରାପ୍ତ କରିବାର ଅନ୍ୟ କୌଣସି ମାର୍ଗ ଆଉ ନାହିଁ । ହ. ମସିହ୍ ମଉଦ୍ ଅ.ସ ନିଜର ଏକ କବିତାଂଶରେ କୁହନ୍ତି,

قرآن خدا نما کلام ہے ! بے اِس کے معرفت کا چمن نا تمام ہے

(ନୁସ୍ରତୁଲ୍ ହକ୍, ରୁହାନୀ ଖଜାଏନ୍, ଭାଗ-21, ପୃ-12)

ଅତଃ ଏହା ହେଉଛି ସେହି ବିନ୍ଦୁ ଯେଉଁ ବିନ୍ଦୁକୁ ସର୍ବଦା ଆମେମାନେ ନିଜର ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ । ଆମେମାନେ ଯଦି ଅଲ୍ଲାଃତାଲାଙ୍କ ସାମୀପ୍ୟତା ଓ ତାହାଙ୍କ ପ୍ରସନ୍ନତା ପ୍ରାପ୍ତ କରିବାର ଅଭିଳାଷୀ ହୋଇ ନିଜର ଇହକାଳ ଓ ପରକାଳକୁ ସଂଯତ ତଥା ଶୃଙ୍ଖଳିତ କରିବାର ଇଚ୍ଛୁକ ତେବେ ଆମମାନଙ୍କୁ ନିମ୍ନୋକ୍ତ କଥାଗୁଡ଼ିକୁ ସ୍ମରଣ ରଖିବା ଉଚିତ । ଏହି କଥା ମଧ୍ୟ ନିଜର ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ ଯେ, ପବିତ୍ର କୁରଆନ୍ କରୀମ୍‌ର ବ୍ରହ୍ମଜ୍ଞାନଭିତ୍ତିକ ଶିକ୍ଷାରୁ ଉପକୃତ ଏବଂ ଲାଭବାନ ହେବାକୁ ହେଲେ ପ୍ରଭୁଙ୍କ ପ୍ରେରିତ ମାର୍ଗଦର୍ଶକଙ୍କର ଆବଶ୍ୟକତା ରହିଛି । ଏହି ଯୁଗରେ ଆଁହଜରତ ସ.ଅଙ୍କ ସତ୍ୟନିଷ୍ଠ ଦାସ ହ. ମସିହ୍ ମଉଦ୍ ଅ.ସ ହିଁ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ମାର୍ଗଦର୍ଶକ ଅଟନ୍ତି ।

ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ବିଭିନ୍ନ ଦିଗ ଉପରେ ଯେଉଁ ଗଭୀରତାର ସହିତ ଆଲୋକପାତ କରିଛନ୍ତି ଓ ପବିତ୍ର କୁରଆନ୍ କରୀମ୍‌ର ସୌନ୍ଦର୍ଯ୍ୟତା, ମାଧୁର୍ଯ୍ୟତା ସହିତ ଆମମାନଙ୍କୁ ଅବଗତ କରାଇଛନ୍ତି, ତତ୍‌ସଂକ୍ରାନ୍ତରେ ତାହାର କିଞ୍ଚିତ ଭାଗ ମୁଁ ପୂର୍ବ ଖୁତ୍‌ବାମାନଙ୍କରେ ବର୍ଣ୍ଣନା କରିଥିଲି। ଏହି ପରମ୍ପରାଟି ବର୍ତ୍ତମାନ ଅବ୍ୟାହତ ରହିଛି । ତେଣୁ ତତ୍‌ସଂକ୍ରାନ୍ତରେ ମୁଁ ଅନେକ ପ୍ରାସଙ୍ଗିକ ପ୍ରାମାଣ୍ୟ ବର୍ଣ୍ଣନା କରିବି । ସୁତରାଂ ଆଜି ସେହି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ଅନୁଯାୟୀ ପବିତ୍ର କୁରଆନ୍ କରୀମ୍‌ର ବିଶେଷତା, ମର୍ଯ୍ୟାଦା ଏବଂ ମହତ୍ତ୍ୱର ଚର୍ଚ୍ଚା କରିବି ।

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

"ପବିତ୍ର କୁରଆନ୍ କରୀମ୍ ହେଉଛି ଈଶ୍ୱରଙ୍କ ବାଣୀ" । ଉକ୍ତ କଥାର ବ୍ୟାଖ୍ୟା କରି ହ. ମସିହ୍ ମଉଦ୍ ଅ.ସ ଲାଲା ଭୀମ୍‌ସେନ୍‌କୁ ଏକ ପତ୍ର ମାଧ୍ୟମରେ ଉଲ୍ଲେଖ କରି କୁହନ୍ତି, ବର୍ତ୍ତମାନ କିଛି ଦିନର କଥା ହେବ ଯେ, ଲେଖ୍‌ରାମ୍ ନାମକ ଜଣେ ଆର୍ଯ୍ୟ ବ୍ରାହ୍ମଣ ବ୍ୟକ୍ତି କାଦିଆନ୍‌କୁ ମୋ ପାଖକୁ ଆସିଲା ଏବଂ କହିଲା ଯେ, ବେଦ ହେଉଛି ପ୍ରଭୁଙ୍କ ବାଣୀ । ଆପଣ ଅ.ସ କୁହନ୍ତି, ମୁଁ ପବିତ୍ର କୁରଆନ୍ କରୀମ୍‌କୁ ଈଶ୍ୱରଙ୍କ ବାଣୀ ବୋଲି ବିବେଚିତ କରେ । କାରଣ ତହିଁରେ ନା କୌଣସି ଶିର୍କ ସମ୍ବନ୍ଧୀୟ ଶିକ୍ଷା ରହିଛି ଓ ନା ହିଁ ଅପବିତ୍ରତାମୂଳକ ଶିକ୍ଷା ରହିଛି । ପବିତ୍ର କୁରଆନ୍ କରୀମ୍‌ର ଅନୁକରଣ କରିବା ଦ୍ୱାରା ଜୀବିତ ଈଶ୍ୱରଙ୍କ ଦର୍ଶନ ହୋଇଥାଏ ଏବଂ ଚମତ୍କାର ପ୍ରକାଶ୍ୟ ହୋଇଥାଏ । ସୁତରାଂ ଏକ ଐଶୀ ପୁସ୍ତକ ନିମନ୍ତେ ଉକ୍ତ ସର୍ତ୍ତ ରହିଛି ଯେ, ତାହା ଈଶ୍ୱରଙ୍କ ବାଣୀ ହୋଇଥିବ ଏବଂ ତାହା ଶିର୍କ ଠାରୁ ସଂପୂର୍ଣ୍ଣ ପବିତ୍ର ହୋଇଥିବା ଉଚିତ ଏବଂ ସେହି ପବିତ୍ର ଗ୍ରନ୍ଥ ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ପ୍ରଭୁଙ୍କ ଦର୍ଶନ ହୋଇଥାଏ ଓ ଚମତ୍କାର ପ୍ରକାଶିତ ହୋଇଥାଏ ।

**(ମକତୁବାତେ ଅହେମଦ ଭାଗ-1, ପୃ-90)**

ସୁତରାଂ ଅଲ୍ଲାଃତାଲାଙ୍କ ବାଣୀ ହେବାର ଏହି ସର୍ତ୍ତ ରହିଛି ଯେ, ପ୍ରଭୁଙ୍କ ବାଣୀ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ରୁ ମୁକ୍ତ ହୋଇଥିବା ଉଚିତ୍ । ପବିତ୍ର କୁରଆନ୍ କରୀମ୍ ଅଲ୍ଲାଃତାଲାଙ୍କର ଦର୍ଶନ କରାଇବାରେ କିପରି ନିଜର ଭୂମିକା ନିର୍ବାହ କରିଛି ତାହାର ଜ୍ୱଳନ୍ତ ପ୍ରମାଣ ସାହାବାମାନଙ୍କର ଜୀବନୀକୁ ଲକ୍ଷ୍ୟ କଲେ ଅତି ସହଜରେ ଅନୁମେୟ ହୋଇପାରିବ । ସାହାବାମାନଙ୍କର ଜୀବନରେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାର ପ୍ରଭାବ ସଂକ୍ରାନ୍ତରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଆଁହଜରତ ସ.ଅଙ୍କ କାଳକୁ ଇସ୍‌ଲାମ୍ ଧର୍ମର ହୃତ୍‌ପିଣ୍ଡ ବୋଲି କୁହାଯାଉଥିଲା । ସେହି ଯୁଗ ଉପରେ ଏକ ସମ୍ୟକ ଦୃଷ୍ଟିପାତ ପକାଇ ଏହା ପ୍ରମାଣିତ କରାଯାଇପାରେ ଯେ, ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରଦତ୍ତ ଶିକ୍ଷା କିପରି ଓ କାହିଁକି ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କୁ ନିମ୍ନ ସ୍ତରରୁ ଉର୍ଦ୍ଧ୍ୱଗାମୀ କରାଇ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲା । କାରଣ ବିଶ୍ୱାସ ଆଣିଥିବା ବ୍ୟକ୍ତିମାନେ ନିଜର ପୂର୍ବାବସ୍ଥାରେ ଏପରି ଥିଲେ ଯେ, ସେମାନେ ଯେଉଁ ଅବସ୍ଥାକୁ ସାଙ୍ଗରେ ଧରି ଆସିଥିଲେ ତାହା ସେମାନଙ୍କର ଜଙ୍ଗଲୀ, ହିଂସ୍ରତ୍ୱ ଅବସ୍ଥାରୁ ଅତି ନିକୃଷ୍ଟ ଅବସ୍ଥା ଥିଲା ଓ ସେମାନଙ୍କର ଜୀବନଶୈଳୀ ସଂପୂର୍ଣ୍ଣ ରୂପେ ପଶୁମାନଙ୍କ ତୁଲ୍ୟ ଥିଲା । ସେମାନେ ଏଭଳି କୁକର୍ମ ଏବଂ ଅଶିଷ୍ଟାଚାର କାର୍ଯ୍ୟରେ ଲିପ୍ତ ଥିଲେ ଯେ, ସେମାନେ ମାନବତା ଶ୍ରେଣୀରୁ ବାହାରି ଯାଇଥିଲେ । ସେମାନେ ଏପରି ବିବେକଶୂନ୍ୟ ହୋଇଯାଇଥିଲେ ଯେ, ସେମାନେ କୁକର୍ମ କରି ବୁଝିପାରୁ ନଥିଲେ ଯେ, ପୁଣ୍ୟ କେଉଁଟି ଓ ପାପ କେଉଁଟି ? ଏହି ପାପ-ପୁଣ୍ୟକୁ ଚିହ୍ନିବାର ହିତାହିତ ଜ୍ଞାନ ମଧ୍ୟ ସେମାନେ ହରାଇ ବସିଥିଲେ । ସୁତରାଂ ପବିତ୍ର କୁରଆନ୍ କରୀମର ଶିକ୍ଷା ଓ ଆଁହଜରତ ସ.ଅଙ୍କ ସାହଚର୍ଯ୍ୟତ୍ୱ ସେମାନଙ୍କ ଉପରେ ଯେଉଁ ପ୍ରଥମ ପ୍ରଭାବ ପକାଇଥିଲା ତାହା ଏପରି ଥିଲା ଯେ, ସେମାନଙ୍କୁ ଅବବୋଧ ହୋଇଗଲା ଯେ, ଆମେମାନେ ପବିତ୍ର ବସ୍ତ୍ରରୁ ନିର୍ବସ୍ତ୍ର ଓ କୁକର୍ମର କଳୁଷତାରେ ଲିପ୍ତ ହୋଇଯାଇଛୁ । ଯେପରିକି ଅଲ୍ଲାଃତାଲା ସେମାନଙ୍କର ପ୍ରଥମ ଅବସ୍ଥା ସଂକ୍ରାନ୍ତରେ କୁହନ୍ତି: اُولٰٓئِكَ كَالْاَنْعَامِ بَلْ هُمْ اَضَلُّ **(ଅଲ୍ ଆରାଫ୍: 180)** ଅର୍ଥାତ ସେମାନେ ଚତୁଷ୍ପଦ ସଦୃଶ, ଏପରିକି ସେମାନଙ୍କ ଠାରୁ ମଧ୍ୟ ନିଚ ବା ନିକୃଷ୍ଟ ଅଟନ୍ତି । ବାସ୍ତବିକ ସେମାନେ ହିଁ ନିର୍ବୋଧ ।

ପୁନଶ୍ଚ ଯେତେବେଳେ ଆଁହଜରତ ସ.ଅଙ୍କ ପବିତ୍ର ସାହଚର୍ଯ୍ୟତ୍ୱ ଓ ପବିତ୍ର କୁରଆନ୍ କରୀମ୍‌ର ଚିତ୍ତାକର୍ଷକ ପ୍ରଭାବ ସେମାନଙ୍କୁ ଅନୁଭୂତ ହୋଇଗଲା । ଅର୍ଥାତ ସେମାନେ ଏହା ଅନୁଭବ କଲେ ଯେ, ଆମେମାନେ ଯେଉଁ ଅବସ୍ଥାର ନିଜର ଜୀବନ ଅତିବାହିତ କରିଛୁ ତାହା ଏକ ହିଂସ୍ର ଜୀବଜନ୍ତୁଙ୍କ ପରି ଜୀବନ ଅଟେ ଏବଂ ତାହା ସଂପୂର୍ଣ୍ଣ ରୂପେ କୁକର୍ମରେ ଲିପ୍ତ ଜୀବନ ଅଟେ । ସେତେବେଳେ ସେମାନେ ପବିତ୍ରାତ୍ମା ଠାରୁ ଶକ୍ତି ଲାଭ କରି ପୁଣ୍ୟ କର୍ମ କରିବା ପ୍ରତି ମନ ବଳାଇଲେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି: وَاَيَّدَهُمْ بِرُوْحٍ مِّنْهُ **(ମୁଜାଦିଲା: 23)** ଅର୍ଥାତ୍ ନିଜ ତରଫରୁ ବାଣୀ ପ୍ରଦାନ କରି ସେମାନଙ୍କୁ ସାହାଯ୍ୟ କରିଛନ୍ତି । ତାହା ସେହି ଆଦୃଷ୍ଟ ଶକ୍ତି ଥିଲା ଯାହାକି ବିଶ୍ୱାସ ଆଣିବା ପରେ ଓ କୌଣସି ମତେ ଧୈର୍ଯ୍ୟ ପ୍ରଦର୍ଶନ କରିବା ପରେ ହିଁ ପ୍ରାପ୍ତ ହୋଇଥାଏ। ପୁନଶ୍ଚ ସେହି ଲୋକମାନେ ଉକ୍ତ ଶକ୍ତି ପ୍ରାପ୍ତ ହେବା ପରେ ଏହି ସ୍ତରରେ ଉପନୀତ ହେଲ କି ସେମାନେ ନା କେବଳ ଦୋଷ ଦୁର୍ବଳତା ଓ ପାପକୁ ଅନୁଭବ କଲେ ତଥା ସେହି ଦୋଷ ତଥା ପାପର ଦୁର୍ଗନ୍ଧରୁ ଉତ୍‌କ୍ଷିପ୍ତ ତଥା ବିରକ୍ତ ହୋଇଗଲେ ତାହା ନୁହଁ । ବରଂ ସେମାନେ ପୁଣ୍ୟ କର୍ମ ସମ୍ପାଦନ କରିବା ପ୍ରତି ପାଦ ବଢାଇବାକୁ ଲାଗିଲେ, ସାମର୍ଥ୍ୟତାର ଓ ପୂର୍ଣ୍ଣତ୍ୱ ଅର୍ଦ୍ଧ ମାର୍ଗ ଅତିକ୍ରମ କରିନେଲେ ଓ ଦୋଷ ଦୁର୍ବଳତା ବିପକ୍ଷରେ ପୁଣ୍ୟ କର୍ମ ସମ୍ପାଦନ କରିବା ପ୍ରତି ସେମାନଙ୍କ ମଧ୍ୟରେ ଶକ୍ତି ତଥା ସତ୍‌ସାହସ ମଧ୍ୟ ସୃଷ୍ଟି ହୋଇଗଲା ।" ସେମାନେ କେବଳ ନିଜର ଦୋଷ ଦୁର୍ବଳତାକୁ ଦୂର କଲେ ନାହିଁ ବରଂ ପୁଣ୍ୟ କର୍ମ ସମ୍ପାଦନ କରିବା ପ୍ରତି ସେମାନଙ୍କର ପାଦ ଆଗକୁ ଅଗ୍ରସର ହୋଇ ଚାଲିଲା । ଏହିପରି ଭାବରେ ସେମାନଙ୍କୁ ଏକ ମଧ୍ୟମ ଅବସ୍ଥା ପ୍ରାପ୍ତ ହୋଇଗଲା ଓ ପୁନଶ୍ଚ ସେହି ଲୋକମାନେ ପବିତ୍ରାତ୍ମାର ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇ ସେହି ପରିଶ୍ରମରେ ନିମଜ୍ଜିତ ହୋଇଗଲେ ଯେ, ନିଜର ପୁଣ୍ୟ କର୍ମ ସହିତ ସୈତାନ୍ ଉପରେ ପ୍ରଭୁତ୍ୱ ବିସ୍ତାର କଲେ । ସୁତରାଂ ସେମାନେ ଈଶ୍ୱରଙ୍କୁ ପ୍ରସନ୍ନ କରିବା ସକାଶେ ସେହି ଅକ୍ଲାନ୍ତ ପରିଶ୍ରମ କରିବାକୁ ଲାଗିଲେ ଯେ, ଏହାଠୁ ବଳି ମନୁଷ୍ୟ ଅନ୍ୟ କିଛି କଳନା କରି ପାରିବ ନାହିଁ । ସେମାନେ ପ୍ରଭୁଙ୍କ ମାର୍ଗରେ ନିଜ ଜୀବନକୁ ଘାସ ଓ ଅଳିଆ ଆବର୍ଜନା ପରି ତୁଚ୍ଛ ବସ୍ତୁ ସମ ବିବେଚିତ କଲେ ନାହିଁ । ବରଂ ଏଭଳି ବର୍ଯ୍ୟବସ୍ତୁ ଠାରୁ ତୁଚ୍ଛ ମନେକଲେ । ଫଳତଃ ସେମାନେ ଗ୍ରହଣୀୟ ହେଲେ ଏବଂ ପ୍ରଭୁ ସେମାନଙ୍କ ହୃଦୟକୁ ପାପ ଠାରୁ ସଂପୂର୍ଣ୍ଣ କ୍ଷାନ୍ତ ତଥା ପବିତ୍ର କରିଦେଲେ ଏବଂ ପୁଣ୍ୟାବଳୀ ଯୁକ୍ତ ପ୍ରେମ ସୃଷ୍ଟି କଲେ ।" **( ଚଶମା ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-424-425)**

ଅତଏବ୍ ଏହା ହେଉଛି ପବିତ୍ର କୁରଆନ୍ କରୀମ୍‌ର ସେହି ସାହାବାମାନଙ୍କ ଉପରେ ପଡ଼ିଥିବା ସୁପ୍ରଭାବ । ଅର୍ଥାତ ସେମାନେ ଭୂପୃଷ୍ଠରେ ଛିଡ଼ା ହୋଇ ଆକାଶର ଉଜ୍ଜ୍ୱଳ ତାରକା ସଦୃଶ ପାଲଟି ଗଲେ । ସେହି ସାହାବାମାନଙ୍କ ସଂକ୍ରାନ୍ତରେ ଆଁହଜରତ ସ.ଅ କହିଲେ, ସେହି ସାହାବାମାନଙ୍କ ମଧ୍ୟରୁ ପ୍ରତ୍ୟେକ ସାହାବାମାନେ ତୁମମାନଙ୍କ ପାଇଁ ଗୋଟିଏ ଗୋଟିଏ ଉତ୍ତମ ଆଦର୍ଶ ଏବଂ ମାର୍ଗଦର୍ଶକ ଅଟନ୍ତି । **(ଅଲ୍ ମିଶ୍‌କାତୁଲ୍ ମସାବିହ୍, ଭାଗ-3, ପୃ-696, କିତାବୁଲ୍ ମନାକିବି, ବାବ୍- ମନାକିବୁସ୍ ସାହାବା, ହଦିସ୍ ନଂ-6009, ପ୍ରକାଶନ ସ୍ଥାନ- ମକତବ୍ ଅଲ୍‌ଇସ୍‌ଲାମିୟା, ବୈରୁତ୍-1979)**

ପବିତ୍ର କୁରଆନ୍ କରୀମ୍‌ର ଆଜ୍ଞା ପାଳନ କରିବା ଫଳରେ ମନୁଷ୍ୟ ପ୍ରଭୁଙ୍କ ବିଶେଷ ଗୁଣାବଳୀର ପରିପ୍ରକାଶକ ପାଲଟି ଯାଇଥାଏ । ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ର ଆଜ୍ଞାକାରୀ ହୋଇ ପ୍ରେମ, ସତ୍ୟତା ଓ ନିଷ୍ପାପରତାକୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ । ଫଳରେ ସେହି ବ୍ୟକ୍ତି ଛାୟୀ ସଦୃଶ ହୋଇ ପ୍ରଭୁଙ୍କ ବିଶେଷ ଗୁଣାବଳୀର ପରିପ୍ରକାଶକ ହୋଇଯାଇଥାଏ ।

ଆପଣ ଅ.ସ ପୁନଶ୍ଚ କୁହନ୍ତି: ଏହି ସମସ୍ତ ପରିଣାମ ସେହି ସର୍ବଶକ୍ତିମାନ ଏବଂ ବିଶେଷ ଗୁଣାବଳୀ ସମ୍ପନ୍ନ ପ୍ରଭୁଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ ଯାହାଙ୍କ ମହିମାକୁ ଆମେମାନେ ପବିତ୍ର କୁରଆନ୍ କରୀମ୍‌ରେ ଅଧ୍ୟୟନ ତଥା ଉପଲବ୍ଧି କରିଥାଉ। ସୁତରାଂ ପବିତ୍ର କୁରଆନ୍ କରୀମ୍‌ରେ ଏକ ମହାଶକ୍ତି, ବିଶେଷ ଗୁଣାବଳୀ ଅନ୍ୟ କୌଣସି ଧର୍ମଗ୍ରନ୍ଥରେ ନାହିଁ, ଯାହାକି କୌଣସି ଧର୍ମାବଲମ୍ବୀ ନିକଟରେ ଐଶୀବାଣୀର ଆଖ୍ୟା ଲାଭ କରିପାରବି । ସମ୍ଭବତାଃ ଏହାର କାରଣ ଏହା ମଧ୍ୟ ହୋଇପାରି ଯେ, ସେହି ଧର୍ମଗ୍ରନ୍ଥଗୁଡ଼ିକ ବହୁକାଳ ଓ ପୁରାତନ ହେବା ଯୋଗୁଁ ତହିଁରେ ପରିବର୍ତ୍ତନ ହୋଇଯାଇଛି । କିମ୍ବା ଏହି କାରଣ ହୋଇ ଥାଇ ପାରେ ଯେ, ସେହି ଧର୍ମଗ୍ରନ୍ଥଗୁଡ଼ିକର ଶବ୍ଦ ଯଦିଚ ପରିବର୍ତ୍ତିତ ହୋଇ ନାହିଁ କିନ୍ତୁ ଅର୍ଥ ପରିବର୍ତ୍ତନ କରି ଦିଆଯାଇଛି ଅବା ଏହି କାରଣ ଥାଇପାରେ ଯେ, ପ୍ରଭୁ ଏହି ଶେଷ ଯୁଗରେ ଭିନ୍ନତା ଏବଂ ମତଭେଦକୁ ଦୂରୀଭୂତ କରିବା ପାଇଁ ଓ ସଂସାରର ସମସ୍ତ ଲୋକମାନଙ୍କୁ କେବଳ ଏକ ଧର୍ମଗ୍ରନ୍ଥ ନିକଟରେ ଏକତ୍ରିତ କରିବା ନିମନ୍ତେ ସେହି ସମସ୍ତ ଧର୍ମଗ୍ରନ୍ଥଗୁଡ଼ିକର କଲ୍ୟାଣକୁ ଛିନ୍ନ କରି ନେଇଛନ୍ତି । ଅନ୍ୟଥା ଏହାର

**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 19-OCTOBER 2023 Issue No.-42

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

କାରଣ କ'ଣ ଯେ, ଯେପରି ପବିତ୍ର କୁରଆନ୍ କରୀମ୍ ଓ ଆଁହଜରତ ସ.ଅଙ୍କ ପ୍ରକୃତ ଅନୁକରଣତ୍ୱ ଦ୍ୱାରା ମନୁଷ୍ୟ ସନ୍ଥମାନଙ୍କ ଗୋଷ୍ଠୀରେ ପ୍ରବିଷ୍ଟ ହୋଇପାରିବ। ସେହି ଧର୍ମଗ୍ରନ୍ଥମାନଙ୍କରେ ଏହି ବିଶେଷତା ଦେଖିବାକୁ ମିଳୁ ନାହିଁ ଏବଂ ଏହା ହିଁ ସେହି କାରଣ ଯେ, ସେହି ଧର୍ମଗ୍ରନ୍ଥମାନଙ୍କର ଅନୁଗାମୀମାନେ ସେହି ପୂର୍ଣ୍ଣତ୍ୱର ପ୍ରତ୍ୟାଖ୍ୟାନକାରୀ ଅଟନ୍ତି ଯାହାକି ମନୁଷ୍ୟକୁ ସାମୀପ୍ୟତାର ସ୍ଥାନରେ ହିଁ ପ୍ରାପ୍ତ ହୋଇପାରିବ । ବରଂ ସେହି ଚମତ୍କାର, ସାହାସିକତା ଉପରେ ସେମାନେ ଥଟ୍ଟା ପରିହାସ ପ୍ରକାଶ କରିଥାଆନ୍ତି । ଅର୍ଥାତ ସେମାନେ ଚମତ୍କାରକୁ ସ୍ୱୀକାର କରନ୍ତି ନାହିଁ ବରଂ ସେମାନେ ଏଥିପ୍ରତି ଥଟ୍ଟା ତଥା ପରିହାସ ମଧ୍ୟ ପ୍ରକାଶ କରନ୍ତି ନାହିଁ । ହୁଜୁର ଅ.ସ କୁହନ୍ତି ମୁଁ ଅନ୍ୟ କାହା ପ୍ରତି ଉପହାସ କରୁ ନାହିଁ ବରଂ ସେମାନଙ୍କର ଅସଫଳତାକୁ ଦେଖି ମୋତେ କାନ୍ଦ ଅବଶ୍ୟ ମାଡ଼ିଥାଏ। ସେମାନଙ୍କ ପ୍ରତି ଆମ ମନରେ ସମବେଦନା ଓ ଆନ୍ତରୀକତା ରହିଛି ଯେ,ଅଲ୍ଲାଃତାଲାଙ୍କ ଠାରୁ ଦୂରେଇ ଯାଇ, ତାହାଙ୍କ ବିଶିଷ୍ଟ ଗୁଣାବଳୀକୁ ପାସୋର ଦେଇ ନବ୍ୟାଧୁନିକ ଯୁଗର ଚାଚକ୍ୟତା, ଯାକଯମକ ତଥା ନିଜର ଅସଦ୍‌ବ୍ୟବହାରକୁ ଅନ୍ୟ ନାଁ ଦେଇ ପୁନଃ ପଶୁଙ୍କ ପରି ଆଚାର ବ୍ୟବହାର ପ୍ରଦର୍ଶନ କରିବାକୁ ଲାଗି ଗଲେଣି । ହୁଜୁର ଅ.ସ କହିଲେ: ଆଜିକାଲି ଏହିସ ସବୁ ଦୃଶ୍ୟ ବସ୍ତୁବାଦୀ ବ୍ୟକ୍ତିଙ୍କ ମଧ୍ୟରେ ଦୃଶ୍ୟମାନ ହୋଇଥାଏ ।

ସେ ଯାହା ହେଉ ନିଜ ପ୍ରସଙ୍ଗର ପରମ୍ପରା କ୍ରମେ ଆପଣ ଅ.ସ କୁହନ୍ତି: ମୁଁ ଏଠାରେ ବିଗତ କେତେକ ଘଟଣାବଳୀକୁ ବର୍ଣ୍ଣନା କରୁ ନାହିଁ ବରଂ ମୁଁ ସେହି କଥା କହୁଛି ଯାହା ସଂପର୍କରେ ମୋର ଅବଧାରଣା ରହିଛି । ମୁଁ ପବିତ୍ର କୁରଆନ୍ କରୀମ୍ ମଧ୍ୟରେ ଏକ ବଳିଷ୍ଠ ଶକ୍ତି ଅବଲୋକନ କରିଛି । ମୁଁ ଆଁହଜରତ ସ.ଅଙ୍କ ଆଜ୍ଞାକାରୀତାରେ ଏକ ବିଚିତ୍ର ବିଶେଷତା ଦେଖିଅଛି ଏବଂ ସେହି ବିଶେଷତା ଓ ଶକ୍ତି ଅନ୍ୟ କୌଣସି ଧର୍ମରେ ନାହିଁ ଏବଂ ତାହା ଏହିକି ଯେ, ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀର ସଚ୍ଚୋଟ ତଥା ପ୍ରକୃତ ଆଜ୍ଞାକାରୀ ବ୍ୟକ୍ତି ସନ୍ଥମାନଙ୍କ ମର୍ଯ୍ୟାଦା ପ୍ରାପ୍ତ କରିଥାଏ ବା ଉପନୀତ ହୋଇଥାଏ । ପ୍ରଭୁ ତା'କୁ ନା କେବଳ ନିଜର ଐଶୀବାଣୀ ଦ୍ୱାରା ସମ୍ମାନିତ କରିଥାଆନ୍ତି ବରଂ ନିଜର ଆଚରଣ ମାଧ୍ୟମରେ ସେହି ବ୍ୟକ୍ତିକୁ ଏହା ମଧ୍ୟ ଦେଖାଇ ଦିଅନ୍ତି ଯେ, ମୁଁ ହେଉଛି ସେହି ଈଶ୍ୱର ଯିଏ ଭୂପୃଷ୍ଠ ଓ ଆକାଶକୁ ସୃଷ୍ଟି କରିଛି । ତା'ର ବିଶ୍ୱାସ ଶୀର୍ଷ ସ୍ତରରେ ଦୂର ଦାରାନ୍ତ ତାରକାମାନଙ୍କ ଠାରୁ ଆଗକୁ ଅତିକ୍ରମ କରିଯାଏ । ସୁତରାଂ ମୁଁ ଉକ୍ତ ପ୍ରସଙ୍ଗରେ ପ୍ରତ୍ୟେକ୍ଷ ଦର୍ଶୀ ଅଟେ । ପ୍ରଭୁ ମୋ ସହିତ ବାର୍ତ୍ତାଳାପ ହୁଅନ୍ତି ଓ ଏକ ଲକ୍ଷରୁ ଅଧିକ ନିଦର୍ଶନ ମୋ ଦ୍ୱାରା ଦେଖାଇଛନ୍ତି ବା ପ୍ରକାଶ୍ୟ କରାଇଛନ୍ତି। ତେଣୁ ଯଦିଚ ମୁଁ ସମଗ୍ର ଅବତାରାମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥାଏ ଓ ସେମାନଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ପୁସ୍ତକ ପ୍ରତି ମଧ୍ୟ ସମ୍ମାନ ପ୍ରଦର୍ଶନ କରେ କିନ୍ତୁ ଜୀବନ୍ତ ଧର୍ମ କେବଳ ଇସ୍‌ଲାମ୍ ଧର୍ମକୁ ହିଁ ବିବେଚିତ କରିଥାଏ । କାରଣ ଇସ୍‌ଲାମ୍ ଧର୍ମ ମାଧ୍ୟମରେ ହିଁ ପ୍ରଭୁ ମୋ ଆଗରେ ପ୍ରକଟିତ ହେଲେ ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: ଯେଉଁ ବ୍ୟକ୍ତିକୁ ମୋର ଉପରୋକ୍ତେ ବିବୃତ୍ତିରେ କୌଣସି ପ୍ରକାଶ ସଂଶୟ ରହିଛି ତେବେ ତା' ପକ୍ଷେ ଏହା ଅପରିହାର୍ଯ୍ୟ କି ସେ ଉପରୋକ୍ତ କଥାର ଅନୁସନ୍ଧାନ ନିମନ୍ତେ ମୋ ନିକଟକୁ ଆସୁ ଓ ଦୁଇ ମାସ ପାଇଁ ମୋ ନିକଟରେ ରହୁ । ମୁଁ ତା'ର ସମସ୍ତ ଖର୍ଚ୍ଚ ଯାହାକି ତା' ନିମନ୍ତେ ପର୍ଯ୍ୟାପ୍ତ ହୋଇ ପାରିବ ସେହି ଅବଧି ପର୍ଯ୍ୟନ୍ତ ବହନ କରିବି । ମୋ ନିକଟରେ ଧର୍ମ କହିଲେ ଏହା ବୁଝାଏ ଯେ, ଯାହା ଜୀବନ୍ତ ଧର୍ମ ଅଟେ ଓ ଜୀବନ୍ତ ତଥା ସଦ୍ୟତମ ଲୀଳାର ଅପୂର୍ବ ଦୃଶ୍ୟ ମାଧ୍ୟମରେ ପ୍ରଭୁଙ୍କ ଅବଲୋକନ କରାଇଥାଏ। ଅନ୍ୟଥା କେବଳ ତୁଚ୍ଛାଟାରେ ଦାବି କରିବା ଧର୍ମାନୁଯାୟୀ ନିକୃଷ୍ଟ ଓ ପ୍ରମାଣ ହୀନ ଅଟେ । **(ଚଶ୍‌ମା ମାଆରିଫତରୁ ଆନୀତ, ରୁହାନୀ ଖଜାଏନ୍ ଭାଗ-23 ପୃ-427-428)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେଉଁମାନେ ଉକ୍ତ ନିମନ୍ତ୍ରଣରୁ ଉପକୃତ ହୋଇଥିଲେ । ସେମାନେ ସାଫଲ୍ୟମଣ୍ଡିତ ହୋଇଗଲେ । ସେହି ପବିତ୍ରାତ୍ମାମାନେ ଆପଣ ଅ,ସଙ୍କ ନିକଟରେ କିଛି କାଳ ସମୟ ଅତିବାହିତ କଲେ ଓ ଆପଣ ଅ.ସଙ୍କୁ ସ୍ୱୀକାର କଲେ । ଆଜି ମଧ୍ୟ ଆପଣ ଅ.ସଙ୍କ ଜ୍ଞାନ ସମ୍ବଳିତ ସୃଜନୀ ସମ୍ଭାର ଅର୍ଥାତ ରୁହାନୀ ଖଜାଏନ୍ ଅନେକ ବ୍ୟକ୍ତିଙ୍କୁ ଈଶ୍ୱରଙ୍କ ଦର୍ଶନ କରାଇଛି । ସୁତରାଂ ଏହି ରୁହାନୀ ଖଜାଏନ୍ ମାଧ୍ୟମରେ ଆମେମାନେ ଯେଉଁଠି ଅଣମୁସଲମାନ ତଥା ଆଣ ଧର୍ମାବଲମ୍ବୀମାନଙ୍କୁ ସଚେତନ କରିଥାଉ ସେଠାରେ ଆମକୁ ନିଜେ ମଧ୍ୟ ସଂପୂର୍ଣ୍ଣ ରୂପେ ପ୍ରୟାସ କରିବା ଉଚିତ୍ ଏବଂ ଆପଣ ଅ.ସଙ୍କ ପୁସ୍ତକାବଳୀରୁ ଲାଭାନ୍ୱିତ ହେବା ଉଚିତ୍ । ତେବେ ଯାଇ ଆମେମାନେ ନିଜ ବୈଅତ୍‌ର ଅଭିପ୍ରାୟକୁ ଚରିତାର୍ଥ କରିପାରିବା ।

ପବିତ୍ର କୁରଆନ୍ କରୀମ୍‌ର ବିଶେଷତା ଓ ତା'ର ଗାରିମା ସଂକ୍ରାନ୍ତରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ୍‌ର ୪ଟି ଚମତ୍କୃତ ବିଶେଷତା ରହିଛି । ତାହା ଏହିପରି, **ପ୍ରଥମତଃ-** ପବିତ୍ର କୁରଆନ୍ କରୀମ୍ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଏକ ପୂର୍ଣ୍ଣାଙ୍ଗ ଧର୍ମଗ୍ରନ୍ଥ ଅଟେ । ଏହା ମାନବିକ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷା ଠାରୁ ସଂପୂର୍ଣ୍ଣ ରୂପେ ଭିନ୍ନ ଅଟେ । କାରଣ ମାନବିକ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷାର ପରିସର ଅତ୍ୟନ୍ତ ସୀମିତ ଅଟେ । ଯେପର୍ଯ୍ୟନ୍ତ କୌଣସି ବାଣୀରେ ଅତିଶୟୋକ୍ତି କିମ୍ବା ମିଥ୍ୟା ତଥା ଅନାବଶ୍ୟକ କଥା ମିଶ୍ରିତ ବା ପ୍ରୟୋଗ ନକରାଯାଏ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷାର ସ୍ତର ପର୍ଯ୍ୟନ୍ତ ପହଞ୍ଚିବାକୁ ସକ୍ଷମ ହୋଇପାରିବ ନାହିଁ । ସୁତରାଂ ଅଲ୍ଲାଃତାଲାଙ୍କ ବାଣୀ ତହିଁରୁ ସଂପୂର୍ଣ୍ଣ ରୂପେ ପବିତ୍ର ଅଟେ । ତହିଁରେ କୌଣସି ଅପମିଶ୍ରଣ ମିଶ୍ରିତ ହୋଇ ନାହିଁ । **ଦ୍ୱିତୀୟତଃ-** ପବିତ୍ର କୁରଆନ୍ କରୀମ୍‌ର ଦ୍ୱତୀୟ ଚମତ୍କାରିକ ବିଶେଷତା ଏହିକିଯେ, ପବିତ୍ର କୁରଆନ୍ କରୀମ୍‌ରେ ଯେଭଳି ଘଟଣାବଳୀ ବର୍ଣ୍ଣିତ ହୋଇଛି ବାସ୍ତବିକ ତାହା ଗୋଟିଏ ଗୋଟିଏ ସ୍ୱୟଂସପୂର୍ଣ୍ଣ ଭବିଷ୍ୟତବାଣୀ ଅଟେ । ଏହି ଭବିଷ୍ୟତବାଣୀ ଆଡ଼କୁ ନାନ ସ୍ଥାନରେ ଇଙ୍ଗିତ ମଧ୍ୟ କରାଯାଇଛି । ତେଣୁ ଏହା ମଧ୍ୟ ପବିତ୍ର କୁରୁଆନ୍ କରୀମ୍‌ରେ ଦୃଶ୍ୟମାନେ ହୋଇଥାଏ । **ତୃତୀୟତଃ-** ପବିତ୍ର କୁରଆନ୍ କରୀମ୍‌ର ଏହି ବିଶେଷ ସୁଗୁଣାବଳୀ ରହିଛି ଯେ, ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ମାନବିକ ସ୍ୱଭାବକୁ ତା'ର ଚରମ ସୀମା ପର୍ଯ୍ୟନ୍ତ ଉପନୀତ କରାଇବା ନିମନ୍ତେ ସଂପୂର୍ଣ୍ଣ ରୂପେ ସକ୍ଷମ ଅଟେ । ବିଶ୍ୱାସର ସ୍ତର ପ୍ରାପ୍ତ କରିବା ନିମନ୍ତେ ଯେଉଁ ପ୍ରମାଣ ଓ ନିଦର୍ଶନଗୁଡ଼ିକ ମନୁଷ୍ୟ ନିମନ୍ତେ ଆବଶ୍ୟକ ଅଟେ। ସମସ୍ତ ପ୍ରସଙ୍ଗ ଓ ନିଦର୍ଶ ତଥା ଭବିଷ୍ୟତବାଣୀ ତହିଁରେ ଉପଲବ୍ଧ ରହିଛି। **ଚତୁର୍ଥତଃ-** ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲା ଆଜ୍ଞାକାରୀ ବ୍ୟକ୍ତି ପ୍ରଭୁଙ୍କ ସାମୀପ୍ୟତା ପ୍ରାପ୍ତ କରି ତାହାଙ୍କ ସହିତ କଥୋପକଥନର ସୌଭାଗ୍ୟ ଅର୍ଜନ କରିନେଇଥାଏ ଏବଂ ଜ୍ୱଳନ୍ତ ନିଦର୍ଶନ ଉକ୍ତ ବ୍ୟକ୍ତି ଠାରୁ ପ୍ରକାଶ୍ୟ ହୋଇଥାଏ । ପବିତ୍ର କୁରଆନ୍ କରୀମ୍ ଆତ୍ମଶୁଦ୍ଧି କରିବାରେ ସହାୟକ ହୋଇଥାଏ । କାରଣ ବ୍ୟକ୍ତି ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ ହେବାର ସୌଭାଗ୍ୟ ଅର୍ଜନ କରିଥାଏ ଓ ଜ୍ୱଳନ୍ତ ନିଦର୍ଶନ ତାହା ଦ୍ୱାରା ପ୍ରକାଶିତ ହୋଇଥାନ୍ତି ଏବଂ ଆତ୍ମଶୁଦ୍ଧି ତଥା ଅବିଚଳତା ତା'କୁ ପ୍ରାପ୍ତ ହୋଇଥାଏ । ସୁତରାଂ ପବିତ୍ର କୁରଆନ୍ କରୀମ୍‌ର ଏହି ବିନ୍ଦୁକୁ ସ୍ମରଣ ରଖିବା ଅତ୍ୟନ୍ତ ଆବଶ୍ୟକ ଅଟେ । ଅର୍ଥାତ ପୂର୍ଣ୍ଣ ବିଶ୍ୱାସକାରୀ ଉପରେ ପ୍ରଭୁ ଯେଉଁ କୃପାବତୀର୍ଣ୍ଣ କରିଥାଆନ୍ତି ତାହା ପ୍ରଭୁଙ୍କର ନିଜସ୍ୱ କ୍ରିୟା ଅଟେ । ସେହି କାରଣରୁ କୌଣସି ବ୍ୟକ୍ତି ପ୍ରଭୁଙ୍କର କୃପାକୁ ନିଜସ୍ୱ ବିଶେଷତା ବୋଲି ବିବେଚିତ କରିପାରିବ ନାହିଁ । ପୂର୍ଣ୍ଣ ବିଶ୍ୱାସାକୀର ନିଜର ବ୍ୟକ୍ତିଗତ ବିଶେଷତା, ଧର୍ମପରାୟଣତା, ପବିତ୍ରତା ଏବଂ ସାମର୍ଥ୍ୟତା ଓ ଅବିଚଳତା ରହିଛି । ଉଦାହରଣ ସ୍ୱରୂପ ଯଦି କୌଣସି କାନ୍ଥ ଉପରେ ସୂର୍ଯ୍ୟ କରିଣ ପଡ଼ିଛି ତେବେ ସେହି କିରଣ କାନ୍ଥର ନିଜସ୍ୱ ବିଶେଷତା ମଧ୍ୟରେ ପ୍ରବିଷ୍ଟ ନୁହେଁ । କାରଣ ସୂର୍ଯ୍ୟ କିରଣ କାନ୍ଥରୁ ପୃଥକ ମଧ୍ୟ ହୋଇପାରେ । ବରଂ କାନ୍ଥର ଏହି ବିଶେଷତା ରହିଛି ଯେ, କାନ୍ଥର ଭିତ୍ତିଭୂମି ଏକ ଦୃଢ ପ୍ରସ୍ତର ଉପରେ ନିର୍ମିତ ହୋଇଛି ଏବଂ ଏହି ଭିତ୍ତି ପ୍ରସ୍ତର ଅଟ୍ଟାଳିକାର ଦୃଢତ୍ୱକୁ ସୂଚାଇଥାଏ । ଅତଃ ଯେଭଳି ବନ୍ୟା ବାତ୍ୟା, ବର୍ଷା ବା ଝଡ଼ ଝଞ୍ଜା ଆସୁ ପଛେ ସେହି କାନ୍ଥକୁ ଦୋହଲାଇ ପାରିବ ନାହିଁ । ଠିକ୍ ସେହପରି ଅବସ୍ଥା ବିଶ୍ୱାସର ମଧ୍ୟ ହେବା ଉଚିତ୍ ।" **(ଚଶ୍‌ମା ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-268ର ବି.ଦ୍ର)**

ଆପଣ ଅ.ସ କହୁନ୍ତି, ପବିତ୍ର କୁରଆନ୍ ହେଉଛି ଏହିଭଳି ଏକ ପବିତ୍ର ଧର୍ମଗ୍ରନ୍ଥ **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ....)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan